

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୯ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 09 October 2026
Vol.No. 36 ■ No.265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଇଣ୍ଡି ମେଣ୍ଟର ୧୨ ଘଣ୍ଟିଆ ବନ୍ଦରେ ଠପ୍ ଓଡ଼ିଶା: ଜନଜୀବନ ହନ୍ତସନ୍ତ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ୪ ଦଫା ଦାବିରେ କଂଗ୍ରେସର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ। ଯାହା ପାଇଁ ସାରା ରାଜ୍ୟରେ ଠପ୍ ହୋଇଯାଇଛି ସାଧାରଣ ଜୀବନଯାତ୍ରା। ଗାଡି ଚଳାଚଳ ବନ୍ଦ, ଖୋଲିଲାନି ଦୋକାନ ବଜାର। ଆନ୍ଦୋଳନକାରୀ ଟ୍ରେନ୍ ବନ୍ଦ କରିଦେଲେ, ଫସିଲା ଆମ୍ବୁଲାନ୍ସ ଓ କ୍ଷୀର ଗାଡିକୁ ବି ଛାଡିଲେନି। ଓଡ଼ିଶା ବନ୍ଦ ପାଳନରେ ଛଟପଟ ହୋଇଛନ୍ତି ଜନତା। ଗାଡି ନପାଇ ହନ୍ତସନ୍ତ ହୋଇଛନ୍ତି ଯାତ୍ରୀ। ଦୋକାନ ବଜାରରେ ତାଲା.. ଚକ-ଅଖ ବନ୍ଦ। ଟ୍ରେନ୍ ଆଗରେ ଶୋଇଗଲେ, ବିମାନ ବନ୍ଦରରେ ବି ହୋହଲ୍ଲା। ଅଟକିଲା ଅଟୋ, ବନ୍ଦ ହେଲା ବସ୍। ବିଟ୍ ରାସ୍ତାରେ ଟାୟାର ଜାଳି ଠପ୍ କରିଦେଲେ ଗାଡି ଚଳାଚଳ। ଗୋଟିଏ ହାତରେ ଦଳୀୟ ପତାକା, ଅନ୍ୟ ହାତରେ ଠେଙ୍ଗା। ରାତି ପାହୁ ପାହୁ ରାଜରାସ୍ତାରେ ନାରା ଦେଇ ଆରମ୍ଭ ହୋଇଗଲା ଅବରୋଧ। ବ୍ୟାନର, ପ୍ଲାକାର୍ଡ ସହ ଯାହାକୁ ପାରିଲେ




ଘେରିଗଲେ ଆନ୍ଦୋଳନକାରୀ। ବରିଷ୍ଠ ନାଗରିକକୁ ବାଟ ଛାଡିଲେନି.. ଡାକ୍ତର ଓ ମହିଳାଙ୍କୁ ବି ଅଟକାଇଲେ। କିଏ ପିଲାକୁ ସ୍କୁଲ ଛାଡି ବାହାରିଥିଲା ତ କିଏ ଜରୁରୀ ମେଡିକାଲ ଟେଷ୍ଟ ପାଇଁ। ହେଲେ ଡାକ୍ତରଙ୍କ ଆଗରୁ ରିପୋର୍ଟ ଦେଖାଇବାକୁ ପଡିଥିଲା ଆନ୍ଦୋଳନକାରୀଙ୍କୁ। ରାସ୍ତା ଛାଡିବାକୁ କାକୁତିମିନତି କରିଥିଲେ ରୋଗୀ ଏବଂ ସମ୍ପର୍କୀୟ। ଜରୁରୀ କାମ ପାଇଁ ସକାଳୁ ସକାଳୁ ଯିଏ ବାହାରିଥିଲା, ଫସିଗଲା ବିକ୍ଷୋଭର ଭିଡ ଭିତରେ। ବସ୍ ବନ୍ଦ ହୋଇଯିବାରୁ ଛଟପଟ ହୋଇଗଲେ ଯାତ୍ରୀ। ଘଣ୍ଟା ଘଣ୍ଟା ଧରି ଷ୍ଟାଣ୍ଡରେ ଅପେକ୍ଷା କଲେ, ତଥାପି ଗାଡି ଗଡିଲାନି। ଏୟାରପୋର୍ଟରୁ ବାହାରିଥିବା ଯାତ୍ରୀ ବି ଗାଡି ପାଇଲେନି। ବନ୍ଦ ପାଇଁ ରାସ୍ତାରେ ଆମ୍ବୁଲାନ୍ସ ବି ଫସିଲା। କନ୍ଧମାଳ ଜିଲ୍ଲା ଫୁଲବାଣୀରେ କଂଗ୍ରେସର ପିକେଟିଂରେ ବଳି ପଡିଛି ଜରୁରୀକାଳୀନ ସେବା।

◆◆ପୃଷ୍ଠା ୭

## ମୌସୁମୀ ଫେରିଲା

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଫେରିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଓଡ଼ିଶାର କିଛି ଅଞ୍ଚଳ ସମେତ ମହାରାଷ୍ଟ୍ରରୁ ସମ୍ପୂର୍ଣ୍ଣ ବିଦାୟ ନେଲା ମୌସୁମୀ। ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାହାର ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବାରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ ଓଗଉ ର ସୂଚନା ଅନୁଯାୟୀ, ଆଜି ସୁଦ୍ଧା ମୌସୁମୀ ବାୟୁ ମହାରାଷ୍ଟ୍ରର ସମସ୍ତ ବାକି ରହିଥିବା ଅଞ୍ଚଳରୁ ସମ୍ପୂର୍ଣ୍ଣ ରୂପେ ଅପସାରିତ ହୋଇଯାଇଛି। ଏହା ସହିତ ଓଡ଼ିଶା, ଗୋଆ, କର୍ଣ୍ଣାଟକ ଓ ତେଲେଙ୍ଗାନାର କେତେକ ଅଞ୍ଚଳ ଏବଂ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଉ କିଛି ଅଂଶରୁ ମଧ ମୌସୁମୀ ବାୟୁ ବିଦାୟ ନେଇଛି। ପାଣିପାଗ ବିଭାଗର ବୁଲେଟିନ୍ ଅନୁସାରେ, ବର୍ତ୍ତମାନ ମୌସୁମୀ ଅପସାରଣର ଏହି ରେଖା ୨୭.୫ସ୍ଥ ଉତ୍ତର ଅକ୍ଷାଂଶ / ୮୬.୫ସ୍ଥ ପୂର୍ବ ସମେତ ବିହାରର ସୁପୌଲ, ଝାଡ଼ଖଣ୍ଡର ରାଞ୍ଚି, ଓଡ଼ିଶାର ସୁନ୍ଦରଗଡ଼ ଓ ବରଗଡ଼, ଛତିଶଗଡ଼ର ବିଜାପୁର, ହାଇଦ୍ରାବାଦ, ବେଲାଗାଭି, ପାଣାଜୀ ଏବଂ ୧୫ସ୍ଥ ଉତ୍ତର ୭୨ସ୍ଥ ପୂର୍ବ ଦ୍ରାଘିମା ଦେଇ ଗତି କରୁଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ପୂର୍ବ ଭାରତ ଏବଂ ଉତ୍ତର ଉପଦ୍ୱୀପର ଆଉ କିଛି ଅଂଶରୁ ଏବଂ ଉତ୍ତର-ପୂର୍ବ ଭାରତର ଅନେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ଅପସାରିତ ହେବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଏହା ଫଳରେ ଆଗାମୀ ଦିନରେ ଏହିସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଶା କରାଯାଉଛି।

## ଲାଞ୍ଚ ନେବାବେଳେ ସିବିଆଇ ପଞ୍ଝାରେ ପ୍ରିନ୍ସିପାଲ୍

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଲାଞ୍ଚ ନେବାବେଳେ ସିବିଆଇ ପଞ୍ଝାରେ ନୂଆପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ୍। ଜଣେ ଏଏନଏମଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ସୁପାରିଶ କରିବାକୁ ଲାଞ୍ଚ ମାଗିଥିବା ଅଭିଯୋଗରେ ତାଙ୍କୁ ଧରିଛି ସିବିଆଇ ଟିମ୍। ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତଦନ୍ତକାରୀ ସଂସ୍ଥା ତାଙ୍କୁ ଧରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଏଏନଏମଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ସୁପାରିଶ କରିବାକୁ ପ୍ରିନ୍ସିପାଲ୍ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ପରେ ଲାଞ୍ଚ ଟଙ୍କା ୧୨ ହଜାରରେ ନିର୍ଦ୍ଧାରିତ ହୋଇଥିବା କୁହାଯାଉଛି। ଏନେଇ ଅଭିଯୋଗକାରୀ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପ୍ରିନ୍ସିପାଲ୍ଙ୍କୁ ଧରିବା ପାଇଁ ସିବିଆଇ ଟିମ୍ ଜାଲ ବିଛାଇଥିଲା। ଯୋଜନା ଅନୁସାରେ, ଅଭିଯୋଗକାରୀଙ୍କ ଠାରୁ ୧୨ ହଜାର ଟଙ୍କା ନେଉଥିବା ସମୟରେ ପ୍ରିନ୍ସିପାଲ୍ଙ୍କୁ ସିବିଆଇ ଟିମ୍ ଧରିଥିଲା। ଘଟଣା ପରେ ସିବିଆଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଲାଞ୍ଚ କାରବାର ସହ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ, ଏବଂ ଏହି ଘଟଣାରେ ଅନ୍ୟ କୌଣସି ଅନିୟମିତତା ହୋଇଛି କି ନାହିଁ, ସେନେଇ ମଧ ତଦନ୍ତ କରାଯାଉଥିବା ଜଣାପଡ଼ିଛି।

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ସ୍ଥଗିତ: ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ




ଭଦ୍ରକ, ୦୮/୧୦ (ନି.ପ୍ର): ୮ ବର୍ଷ ପରେ ସାରା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି। ଯାହାକୁ ନେଇ କ୍ୟାମ୍ପର ସରଗରମ ଅଛି। ତେବେ ଏହାରି ଭିତରେ ଏକ କଲେଜ ବଡ଼ ନିଷ୍ପତ୍ତି ନେଇଛି। ଭଦ୍ରକ ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ କରାଯାଇଛି। ଏହା ସହ ଅପରିହାର୍ଯ୍ୟ କାରଣ ଦର୍ଶାଇ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ କଲେଜକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। କଲେଜର ନିର୍ବାଚନୀ କମିଟି ଓ ଏକାଡ଼େମିକ କମିଟିର ମିଳିତ ବୈଠକରେ

◆◆ପୃଷ୍ଠା ୭

## ଜଗତସିଂହପୁରରେ ଭୟଙ୍କର ବାଣ ବିସ୍ଫୋରଣ: ଦୁଇଜଣ ମୃତ

ଜଗତସିଂହପୁର, ୦୮/୧୦ (ନି.ପ୍ର): ଜଗତସିଂହପୁର ଚାନ୍ଦପୁର ମହିଳ ଗ୍ରାମରେ ବାଣ ବିସ୍ଫୋରଣ। ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ମନୋରଞ୍ଜନ ସ୍ୱାଇଁ ଓ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁ। ପ୍ରଥମେ ଘଟଣାସ୍ଥଳରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ପୁଅ। ଅନ୍ୟପକ୍ଷରେ ମନୋରଞ୍ଜନଙ୍କ ଘରେ ଭଡ଼ା ରହୁଥିବା ଜଣେ ଶିକ୍ଷକ ମଧ ଆହତ ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କେମିତି ହେଲା ଏତେ ବଡ଼ ବିସ୍ଫୋରଣ, ତା'ର କାରଣ ଏବେବି ଅସ୍ପଷ୍ଟ। ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଘର ଭିତରେ କେଉଁ ପରିସ୍ଥିତିରେ ବାଣ ବିସ୍ଫୋରଣ ଘଟିଲା ଏବଂ ସେଠାରେ ବାଣ କାହିଁକି ରଖାଯାଇଥିଲା, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ କରୁଛି।

## ସାହିତ୍ୟରେ ନୋବେଲ: କାନାଡାର ଲେଖିକା ଆନ୍ କାର୍ସନଙ୍କୁ ସମ୍ମାନ

ନୂଆଦିଲ୍ଲୀ,୦୮/୧୦ : ୨୦୨୬ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ଘୋଷଣା ହୋଇଛି। ଚଳିତ ବର୍ଷ ଏହି ସମ୍ମାନ କାନାଡାର ପ୍ରଖ୍ୟାତ ଲେଖିକା ଆନ୍ କାର୍ସନଙ୍କୁ ପ୍ରଦାନ କରାଯାଇଛି। ସ୍ୱିଡିଶ ଏକାଡେମୀ ପକ୍ଷରୁ ତାଙ୍କ ସାହିତ୍ୟିକ ଅବଦାନ ଓ ନୂଆ ଧରଣର ଲେଖନ ଶୈଳୀକୁ ସମ୍ମାନ ଜଣାଇ ଏହି ପୁରସ୍କାର ଦିଆଯାଇଛି। ସ୍ୱିଡିଶ ଏକାଡେମୀ ଅନୁସାରେ, ଆନ୍ କାର୍ସନ ନିର୍ଭୀକ ଭାବନା ଓ ନୂଆ ପରୀକ୍ଷଣ ମାଧ୍ୟମରେ



ସମକାଳୀନ ସାହିତ୍ୟରେ ନୂଆ ରୂପ ସୃଷ୍ଟି କରିଛନ୍ତି। କବିତା ଲେଖିବା ସହିତ ଅନୁବାଦ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରି ସେ ଦୀର୍ଘ ସମୟ ଧରି ସାହିତ୍ୟ ଜଗତରେ ସକ୍ରିୟ ରହିଛନ୍ତି। ଶବ୍ଦର ଉତ୍ପତ୍ତିରୁ ଆରମ୍ଭ ହୁଏ ଲେଖା। ଆନ୍ କାର୍ସନଙ୍କ ସାହିତ୍ୟର ଏକ ବଡ଼ ବିଶେଷତା ହେଉଛି ଶବ୍ଦ ପ୍ରତି ତାଙ୍କର ଗଭୀର ଆଗ୍ରହ। ଜଣେ ଭାଷା ବିଶେଷଜ୍ଞଙ୍କ ଭଳି ସେ ଶବ୍ଦର ମୂଳ, ଉତ୍ପତ୍ତି ଓ ଅର୍ଥ ଖୋଜିଥାନ୍ତି। ନିଜେ ମଧ ସେ କହିଛନ୍ତି ଯେ ଶବ୍ଦର ଉତ୍ପତ୍ତି ତାଙ୍କ ପ୍ରାୟ ସମସ୍ତ ସାହିତ୍ୟିକ କାର୍ଯ୍ୟର ପ୍ରାରମ୍ଭିକ ବିନ୍ଦୁ। ୧୯୫୦ ମସିହାରେ ଟରଣ୍ଟୋରେ ଜନ୍ମ ନେଇଥିବା ଆନ୍ କାର୍ସନ ୧୯୮୧ ମସିହାରେ ପ୍ରାଚୀନ

◆◆ପୃଷ୍ଠା ୭

## ଆଜି ନାମାଙ୍କନ: ସରଗରମ କ୍ୟାମ୍ପସ ରାଜନୀତି

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ରାତି ପାହିଲେ ନାମାଙ୍କନ। ସରଗରମ କ୍ୟାମ୍ପସ ରାଜନୀତି। ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପରେ ଉଠୁଛି ପଡୁଛି କଲେଜ କ୍ୟାମ୍ପସ। ଆସନ୍ତାକାଲି ନାମାଙ୍କନ ଦାଖଲ ଥିବାରୁ କଲେଜ ପରିସରର ଉତ୍ସାହ ଦେଖିବାକୁ ମିଳିଛି। ଦୀର୍ଘ ୮ ବର୍ଷ ପରେ କ୍ୟାମ୍ପସ୍କୁ ରାଜନୀତି ଫେରିଥିବାରୁ କ୍ଲାସ୍ରୁମ୍ରୁ ହଷ୍ଟେଲ ସବୁଠି କୋଳାହଳ। ଏବେଠୁ ପ୍ରଚାରରେ ଲାଗିପଡ଼ିଲେଣି ଆଶାୟୀ ପ୍ରାର୍ଥୀ। ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁସାରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ଓ ୩୨୮ଟି



ମହାବିଦ୍ୟାଳୟରେ ହେବ ନିର୍ବାଚନ। ସେହିଭଳି ୩ଟି ବିଶ୍ୱବିଦ୍ୟାଳୟ ଓ ୨୦୨ଟି ମହାବିଦ୍ୟାଳୟରେ ଚୟନ ପଦ୍ଧତିରେ ବାଛିବେ ଛାତ୍ରନେତା। ସେପଟେ ନାମାଙ୍କନ ହୋଇନଥିଲେ ମଧ ନିଜ ସପକ୍ଷରେ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାକୁ ମାତିଲେଣି ଛାତ୍ର ନେତା। କ୍ୟାମ୍ପସ୍ରେ ଚକ୍ଲେଟ୍, ବିରିୟାନୀ, ପୁସିଂକାର୍ଡ ବାଣ୍ଟି, ମିଠା ଖୁଆଇ, କେକ କାଟି ଛାତ୍ରଛାତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ମୌଳିକ ସୁବିଧା, ଭିତ୍ତିଭୂମୀ, କ୍ୟାମ୍ପସରେ ସୁରକ୍ଷା, ହଷ୍ଟେଲ ସମସ୍ୟାର ସମାଧାନ, ଜେନଜି ପ୍ରମୁଖ ପ୍ରସଙ୍ଗ ପାଲଟିବ। ବ୍ୟାସନଗର କଲେଜରେ ନିର୍ବାଚନ ବାତିଲ। ବୋମା ମାଡ଼ ପରେ କଲେଜ ଅଧକ୍ଷଙ୍କ ନିଷ୍ପତ୍ତି। ନିର୍ବାଚନ ପୂର୍ବରୁ ଅଶାନ୍ତ କଲେଜ ପରିସର। ନିର୍ବାଚନ ପୂର୍ବରୁ ଯାଜପୁର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମା ମାଡ଼ପରେ ନିର୍ବାଚନକୁ

◆◆ପୃଷ୍ଠା ୭

## ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ବିସ୍ମୟ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାଲେଶ୍ୱର, ୦୮/୧୦ (ନି.ପ୍ର): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ଶ୍ରୀ ବିସ୍ମୟ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ପ୍ରବିଣ ରାଜନୀତିଜ୍ଞ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହିତ ଆଗାମୀ ଦିନରେ ସାମ୍ବାଦିକତାକୁ କିଭଳି ଜନାଦୃତ କରିହେବ ସେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି ଯୋଗଦେଇ କହିଥିଲେ କି ମୁଁ ହେଉଛି ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ବଡ଼ ଭାଇ ସେ ଭଳି ଭାଇ ଚାଲିଗଲା ପରେ ମୋତେ ଜଣାପଡିଲା ଯେ ମୋର ଗୋଟିଏ ହାତ ଆଉ ଗୋଡ ଚାଲିଗଲା। ଅନ୍ୟତମ ଅତିଥି ଭାବରେ ପ୍ରେସ ଇମ୍ପ୍ରେସ କ୍ଲବର ସଭାପତି ଉଜ୍ୱଳ ଚନ୍ଦ୍ର କର ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଔପନ୍ୟାସିକ ତଥା ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଶ୍ରୀ ସୃଷ୍ଟିଧର ପରିଡ଼ା ଯୋଗଦେଇ କହିଥିଲେ ସ୍ୱର୍ଗତ ମହାନ୍ତିଙ୍କ ଭଳି ନିର୍ଭିକ ବ୍ୟକ୍ତି ଆଜିର ସମୟରେ ବିରଳ ବୋଲି କହିଥିଲେ। ଅନ୍ୟତମ ଅତିଥି ସେଇଠୁ ଆରମ୍ଭର ସମ୍ପାଦକ ଶ୍ରୀ ଶୁଭେନ୍ଦୁ ଦାସ ବିସ୍ମୟ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହିତ ଦିଲ୍ଲୀରେ ତାଙ୍କ ସହ ବିତେଇଥିବା ସମୟର କଥା ବଖାଣିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ସୁପୁତ୍ର ତଥା ଆଜିକାଲିର ସମ୍ପାଦକ ନିର୍ମାଲ୍ୟ ମହାନ୍ତି ଯୋଗଦେଇ ନିଜର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କମିଟିର ଉପସଭାପତି ସନ୍ଦିପ୍ତ ଦାସ ସ୍ମୃତିଚାରଣ କରିବା ସହିତ କମିଟିକୁ କିଭଳି ଭାବରେ ଆହୁରି ମଜବୁତ କରି ସାମ୍ବାଦିକ ମାନଙ୍କ ସୁଖ ଦୁଃଖରେ ଠିଆ ହୋଇପାରିବ ପ୍ରକାଶ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଶ୍ରୀ ଗୋପାଳ କର ମହୋଦୟ ଶ୍ରୀ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। କମିଟିର ସମ୍ପାଦକ

◆◆ପୃଷ୍ଠା ୭

## ଜିଏସ୍ଟି ପରିଷଦରେ ବଡ଼ ନିଷ୍ପତ୍ତି: ଟିକସ ଅଧିକାରୀଙ୍କ ଗିରଫଦାରୀ କ୍ଷମତା ରଦ୍ଦ

ନୂଆଦିଲ୍ଲୀ,୦୮/୧୦ : ବଡ଼ ନିଷ୍ପତ୍ତି ନେଇଛି ଜିଏସ୍ଟି ପରିଷଦ। ୫୭ତମ ଜିଏସଟି ପରିଷଦରେ ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ। କିନ୍ତୁ ପୂର୍ବରୁ ଜିଏସଟି ଅଧିକାରୀଙ୍କୁ ମିଳିଥିବା ଗିରଫଦାରୀ କ୍ଷମତାକୁ ପରିଷଦ ରଦ୍ଦ କରି ଦେଇଛି। ପରିଷଦର ବୈଠକରେ ଏହି ନୂଆ ନିୟମକୁ ଅନୁମୋଦନ ମିଳିଛି। ଏହାର ଅର୍ଥ ଜିଏସଟି ଅଧିକାରୀମାନେ ମନଇଚ୍ଛା ଆଉ କାହାକୁ ଗିରଫ କରିପାରିବେ ନାହିଁ। ଟିକସଦାତାଙ୍କୁ ଅପରାଧିକ ମାମଲାରୁ ଆଶ୍ୱସ୍ତି ଦେବାକୁ ଏପରି ବ୍ୟବସ୍ଥା କରାଯାଇଛି। ନୂଆ ନିୟମର ଅର୍ଥ ହେଉଛି ଯେ ଜିଏସଟି ଅଧିକାରୀମାନେ ଆଉ କୌଣସି ବ୍ୟକ୍ତିଙ୍କୁ ସିଧାସଳଖ ଗିରଫ କରିପାରିବେ ନାହିଁ। ଯଦି କୌଣସି ଅପରାଧିକ ମାମଲା ପ୍ରମାଣିତ ହୁଏ। ତା'ହେଲେ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଅନୁମତି କ୍ରମେ କେବଳ ତଦନ୍ତକାରୀ ସଂସ୍ଥା ଗିରଫ କରିପାରିବେ। ଜିଏସଟି




ଅଧିକାରୀମାନେ ବର୍ତ୍ତମାନ କେବଳ ବାକି ଟିକସ ଆଦାୟ କରିବା, ସୁଧ ଏବଂ ଜରିମାନା ଉପରେ ଧାନ ଦେବେ। ଏହାବାଦ ଅପରାଧିକ ମାମଲା ପାଇଁ ପୂର୍ବରୁ ଥିବା ସୀମାକୁ ୧ କୋଟି ଟଙ୍କାରୁ ବଢ଼ାଇ ୫ କୋଟି ଟଙ୍କା କରାଯାଇଛି। ଅର୍ଥାତ୍ ୫ କୋଟିରୁ କମ୍ ଟଙ୍କାର ଟିକସ ହେରଫେର କ୍ଷେତ୍ରରେ ଅପରାଧିକ ମାମଲା ଲାଗୁ ହେବ ନାହିଁ। ବ୍ୟବସାୟ ସହଜ କରିବା ଓ ଟିକସଦାତାମାନେ ସାମ୍ନା କରୁଥିବା ଚାପକୁ ହ୍ରାସ କରିବା ପାଇଁ ଜିଏସ୍ଟି ପରିଷଦ ଏପରି ପଦକ୍ଷେପ ନେଇଥିବା ବୈଠକ ପରେ ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ତାଙ୍କ କହିବା କଥା ଯେ ପ୍ରଚଳିତ ଜିଏସ୍ଟି ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ। ରେଟ୍ ସ୍ଲାବ ଏବେ ଠିକ ଭାବେ କାର୍ଯ୍ୟକାରୀ ହେଉଛି। ଜିଏସ୍ଟି ଫାଙ୍କିବା ଯୋଗୁ ଲାଗୁ ହେଉଥିବା ସାଧାରଣ ଜୋରିମାନା ପୂର୍ବରୁ ୨୫ ହଜାର ଟଙ୍କା ଥିଲା। କିନ୍ତୁ ଏବେ ଏହାକୁ ୧୦ ହଜାରକୁ ଖସାଇ ଦିଆଯାଇଛି। ଦ୍ରବ୍ୟର ସହଜ ଚଳପ୍ରଚଳ, ଯାଞ୍ଚ, ଅଟକ କିମ୍ବା ସିଜ ଭଳି କାର୍ଯ୍ୟ କେବଳ ଯୋଗାଣକାରୀ ରାଜ୍ୟ କିମ୍ବା ଗ୍ରହଣ କରୁଥିବା

◆◆ପୃଷ୍ଠା ୭

# ପରିବେଶବିତ୍ ଦେବେନ୍ଦ୍ର ଆଚାର୍ଯ୍ୟ ପାଇଲେ 'ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର-୨୦୨୬



ବେତନଟୀ,୦୮/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ପିତା - ଚକ୍ରଧର ଆଚାର୍ଯ୍ୟ ଓ ମାତା - ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଏକ ମାତ୍ର ପୁତ୍ର ଦେବେନ୍ଦ୍ର । ପିଲାଟି ଦିନରୁ ବିଦ୍ୟାଳୟରେ ପଢିବା ସମୟରେ ସମାଜ ପାଇଁ କିଛି କରିବାର ଇଚ୍ଛା ନେଇ ଆଗକୁ ବଢ଼ିଛନ୍ତି। ନୀଳମଣି ମହାବିଦ୍ୟାଳୟ , ରୂପ୍ସା ରେ ଉଚ୍ଚଶିକ୍ଷାରେ ଅଧ୍ୟୟନ କରିବା ସମୟରେ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରି ସମାଜସେବା , ନିଶା ନିବାରଣ, ପରିବେଶ ସୁରକ୍ଷା, ରକ୍ତଦାନ ଏମିତି ଅନେକ କିଛି କାର୍ଯ୍ୟକୁ ନିଜ ଜୀବନର ବ୍ରତଭାବରେ ଗ୍ରହଣ କରିଥିଲେ, ପରିବେଶ ସୁରକ୍ଷା , ବନ୍ୟପ୍ରାଣୀ ସଂରକ୍ଷଣ ତଥା ସମାଜସେବା ପାଇଁ ନିକଟରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭାବନର ଗଣତନ୍ତ୍ର ମଣ୍ଡପରେ ପୁରସ୍କାର ପ୍ରାପ୍ତ ହୋଇଥିଲେ। ମାତ୍ର ୨୪ ବର୍ଷ ବୟସରେ ଏହିପରି ପରିବେଶ ସୁରକ୍ଷା, ପାଞ୍ଚ ଶହରୁ ଅଧିକ ବୃକ୍ଷ ରୋପଣ ସହ ତାକୁ ବଞ୍ଚେଇ ରଖିଛନ୍ତି, ଏଥି ସହ ସ୍ୱାସ୍ଥ୍ୟ ସେବା, ବନାଗ୍ନି ସଚେତନତା , ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ, ଗଜସୁରକ୍ଷା ସଚେତନତା, ଖଇରୀ ବ୍ୟାଘ୍ର ସୁରକ୍ଷା ଅଭିଯାନ,ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମାନକରି ଅକ୍ଟୋବର ୦୭ ତାରିଖ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଅବସରରେ ମୟୂରଭଞ୍ଜ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ସଂକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହରେ ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ୍ ସିଂ ଖୁଣ୍ଟିଆଙ୍କ ଙ୍କ ସହ ଶିମିଳିପାଳ ବନ୍ୟପ୍ରାଣୀ ବିଭାଗର ଉପ ନିର୍ଦ୍ଦେଶକ ଏବଂ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚଜଣ ବନଖଣ୍ଡ ଅଧିକାରୀ ଓ ବାଲେଶ୍ୱର ଜିଲ୍ଲାର ବନଖଣ୍ଡ ଅଧିକାରୀଙ୍କ ଇତ୍ୟାଦି ଅତିଥିଙ୍କ ଗହଣରୁ ଦେବେନ୍ଦ୍ର ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର - ୨୦୨୬ ସମ୍ମାନରେ ପ୍ରମାଣପତ୍ର ସହ ଅର୍ଥରାଶିରେ ସମ୍ମାନିତ ହୋଇଛନ୍ତି । ପୂର୍ବରୁ ସେ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ, ଏକା ଧାରରେ ସେ ଜଣେ ଯୁବ ସମାଜସେବୀ , ପରିବେଶବିତ୍, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା । ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୦୮/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁରର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାରଠାରେ ମାତୃ କର୍ମଶାଳା ଅନୁଷ୍ଠିତ କରାଯାଇଥଛି । ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସସ୍ମିତା ରାଓ ଆକାଶବାଣୀ ପ୍ରଚାରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ମାଆ ମାନେ କେଉଁ ବିଷୟପ୍ରତି ଦୃଷ୍ଟି ଦେବା ଉଚିତ୍ ସେ ସମ୍ପର୍କରେ ଧାରଣା ଦେଇଥିଲେ। ଶିଶୁ ବାଟିକାର ଗୁରୁମା ମାନେ କ୍ରିୟାକଳାପ ମାଧ୍ୟମରେ ବିଭିନ୍ନ ହସ୍ତକର୍ମ ଏବଂ ବୁଦ୍ଧିବିକାଶ ଆଧାରିତ ପ୍ରଶ୍ନମଂଚ କରାଇବା ସହିତ ମିଶ୍ରିତ ରଙ୍ଗ ର ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ୪୭ଜଣ ସହିତ ମାଆ ୮୭ ଜଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ଆଗେଇ ନେଇଥିଲେ ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ସମସ୍ତ ଗୁରୁମା ଓ ସେବକ ସେବିକା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

# ସରକାରୀ କାର୍ଯ୍ୟକ୍ରମରେ କେବଳ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ପ୍ରବେଶ ଦାବି: ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା,୦୮/୧୦ (ନି.ପ୍ର): ସରକାରୀ କାର୍ଯ୍ୟାଳୟ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମ୍ବାଦିକ ସମ୍ମିଳନୀଗୁଡ଼ିକରେ କେବଳ ସ୍ୱୀକୃତିପ୍ରାପ୍ତ ତଥା ପଞ୍ଜୀକୃତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ସୁନିଶ୍ଚିତ କରିବା ଏବଂ ଅଣ-ସ୍ୱୀକୃତିପ୍ରାପ୍ତ ୱେବ୍ ପୋର୍ଟାଲ୍ ଓ ସୋସିଆଲ ମିଡିଆ ହ୍ୟାଣ୍ଡଲର୍ସଙ୍କ ଉପରେ ନିୟନ୍ତ୍ରଣ ଆଣିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ତଥା ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଧାନସଭା ସ୍ଥିତ Mukesh Mahaling ଙ୍କ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ଯଜାତି କେଶରୀ ବେହେରାଙ୍କ ନେତୃତ୍ୱରେ ସୁରେନ୍ଦ୍ର ବାରିକ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୂଚନା ଓ ଲୋକସମ୍ପର୍କ ବିଭାଗ କିମ୍ବା କୌଣସି ସକ୍ଷମ ପ୍ରାଧିକାରୀଙ୍କ ବୈଧ ସ୍ୱୀକୃତି ବା ପଞ୍ଜୀକରଣ ବିନା ସରକାରୀ କାର୍ଯ୍ୟାଳୟ ଓ କାର୍ଯ୍ୟକ୍ରମଗୁଡ଼ିକରେ ଅନେକ ଅଣ-ସ୍ୱୀକୃତିପ୍ରାପ୍ତ ୱେବ୍ ପୋର୍ଟାଲ୍ ଏବଂ ସୋସିଆଲ ମିଡିଆ ହ୍ୟାଣ୍ଡଲର୍ସଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। କେତେକ କ୍ଷେତ୍ରରେ ନିଜେ ତିଆରି କରିଥିବା ପରିଚୟପତ୍ର ବ୍ୟବହାର କରାଯାଉଥିବାରୁ ପ୍ରକୃତ ସାମ୍ବାଦିକଙ୍କ ପରିଚୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହାଦ୍ୱାରା ବୈଧ ଗଣମାଧ୍ୟମ ଅନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତା ପ୍ରଭାବିତ ହେବା ସହ କେତେକ କ୍ଷେତ୍ରରେ ଭୟଭୀତ କରିବା, ବିଭ୍ରାନ୍ତିକର ତଥ୍ୟ ପ୍ରସାର କରିବା କିମ୍ବା ବେଆଇନ କାର୍ଯ୍ୟରେ ପରିଚୟପତ୍ରର ଅପବ୍ୟବହାର ଅଭିଯୋଗ ଆସୁଛି। ଏହି ପ୍ରସଙ୍ଗରେ ପ୍ରତିନିଧି ଦଳ ପକ୍ଷରୁ ସରକାରଙ୍କ ନିକଟରେ ୫ଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି: ସରକାରୀ କାର୍ଯ୍ୟାଳୟ ଏବଂ କାର୍ଯ୍ୟକ୍ରମରେ କେବଳ I&PR ଦ୍ୱାରା ସ୍ୱୀକୃତିପ୍ରାପ୍ତ, ପଞ୍ଜୀକୃତ କିମ୍ବା ସରକାରୀ ମାନ୍ୟତାପ୍ରାପ୍ତ ସାମ୍ବାଦିକଙ୍କୁ ହିଁ ନିୟମ ଓ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ପ୍ରବେଶ ଅନୁମତି ଦିଆଯାଉ। ସରକାରୀ ସାମ୍ବାଦିକ ସମ୍ମିଳନୀ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ପ୍ରବେଶ ପୂର୍ବରୁ ସାମ୍ବାଦିକଙ୍କ ପରିଚୟପତ୍ର ଓ ପ୍ରମାଣପତ୍ରର ଉଚିତ ଯାଞ୍ଚ କରାଯାଉ। ଅଣ-ସ୍ୱୀକୃତିପ୍ରାପ୍ତ ୱେବ୍ ପୋର୍ଟାଲ୍ ଓ ସୋସିଆଲ ମିଡିଆ ହ୍ୟାଣ୍ଡଲର୍ସଙ୍କ ଅଂଶଗ୍ରହଣକୁ ନିୟମ ଅନୁଯାୟୀ ନିୟନ୍ତ୍ରିତ କରାଯାଉ; ତେବେ ଏହାଦ୍ୱାରା ବୈଧ ଡିଜିଟାଲ ନ୍ୟୁଜ୍ ସଂସ୍ଥାଗୁଡ଼ିକ ଉପରେ ଯେପରି କୌଣସି ଅଯଥା କଟକଣା ନ ଲଗାଯାଏ। ସମଗ୍ର ରାଜ୍ୟରେ ଗଣମାଧ୍ୟମ ସ୍ୱୀକୃତି, ପରିଚୟପତ୍ର, ଯାଞ୍ଚ ପ୍ରକ୍ରିୟା ଏବଂ ସରକାରୀ କାର୍ଯ୍ୟକ୍ରମରେ ପ୍ରବେଶ ନେଇ ଏକ ସମାନ ନିର୍ଦ୍ଦେଶାବଳୀ ଲାଗୁ କରାଯାଉ। ଯାଞ୍ଚ ପରେ ଯଦି କୌଣସି ବ୍ୟକ୍ତି ସାମ୍ବାଦିକତାର ପରିଚୟ ବ୍ୟବହାର କରି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼େ, ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତିନିଧି ଦଳ ସ୍ପଷ୍ଟ କରିଛନ୍ତି ଯେ, ଏହାର ଉଦ୍ଦେଶ୍ୟ ପ୍ରକୃତ ସାମ୍ବାଦିକତା କିମ୍ବା ଡିଜିଟାଲ ଗଣମାଧ୍ୟମ ଉପରେ କୌଣସି କଟକଣା ଲଗାଇବା ନୁହେଁ, ବରଂ ଏକ ସ୍ୱଚ୍ଛ ଓ ଶୃଙ୍ଖଳିତ ବ୍ୟବସ୍ଥା ମାଧ୍ୟମରେ ବୃତ୍ତିଗତ ସାମ୍ବାଦିକତାର ମର୍ଯ୍ୟାଦା ରକ୍ଷା କରିବା।

## ବିମାନବନ୍ଦର ଛକର ନୂଆ ପରିଚୟ 'ସେବା ଜ୍ୟୋତି ଚୌକ'

ଝାରସୁଗୁଡ଼ା,୦୮/୧୦ (ନି.ପ୍ର): ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନିକଟସ୍ଥ ବିମାନବନ୍ଦର ଛକକୁ 'ସେବା ଜ୍ୟୋତି ଚୌକ' ଭାବେ ନାମିତ କରାଯାଇଛି। ବୁଧବାର ଏହି ନୂତନ ନାମର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବାରୁ ରାଷ୍ଟ୍ରସେବା ପର୍ଯ୍ୟନ୍ତ ଅବିରତ ଯାତ୍ରାକୁ ସମ୍ମାନ ଓ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଛକର ନାମକରଣ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ଜିଲ୍ଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସମେତ ସୁନୀଲ ପଣ୍ଡା, ପ୍ରେମସେନ ରାୟ, ନଭଲ ଅଗ୍ରୱାଲ ଓ ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ସେବା, ସୁଶାସନ ଓ ଗରିବ କଲ୍ୟାଣ'ର ସଂକଳ୍ପକୁ ଆଧାର କରି ନାମିତ ଏହି ଚୌକ ରାଷ୍ଟ୍ର ନିର୍ମାଣ ଓ ଜନସେବା କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

# କଳିଙ୍ଗ ବାଲିଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ: ନଭେମ୍ବର ୨୩ରୁ କଳିଙ୍ଗ ବାଲିଯାତ୍ରା




ପାରାଦୀପ,୦୮/୧୦ (ନି.ପ୍ର): ନଭେମ୍ବର ୨୩ ରୁ କଳିଙ୍ଗ ବାଲିଯାତ୍ରା ଆୟୋଜିତ ହେବାକୁ ଯାଉଛି ।ଏ ନେଇ ଆଜି ଅପରାହ୍ନରେ ସ୍ଥାନୀୟ ମଧୁବନ ସ୍ଥିତ ଅଫିସରସ କ୍ଲବ ଠାରେ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ଜେ ସୋନାଲ ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ଏସ୍ପି ଅଙ୍କିତ କୁମାର ବର୍ମା, ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ସମେତ କମିଟିର ସଦସ୍ୟ/ ସଦସ୍ୟା ଓ ଶିଳ୍ପ ସଂସ୍ଥା ର ପ୍ରତିନିଧି, ସହରର ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ବାଲିଯାତ୍ରା ପ୍ରତିବର୍ଷ ଭଳି ପାରାଦୀପ ସାଗର ବେଳାଭୂମିରେ ୭ ଦିନ ଧରି ଅନୁଷ୍ଠିତ ହେବ ।ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ ଓ ଉଦଯାପନୀ ସମାରୋହରେ ମହାମହିମ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଥିଲେ ।ମଞ୍ଚ ରେ ଉପସ୍ଥିତ ଅତିଥିମାନେ କଳିଙ୍ଗ ନୌବାଣିଜ୍ୟ ର ପ୍ରତୀକ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଭବ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସମସ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସୁନ୍ଦର ଭାବେ ବାଲିଯାତ୍ରା ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ ।ଏସ୍ପି ଶ୍ରୀ ବର୍ମା ଆଇନ୍ ଶୃଙ୍ଖଳା ଦାୟିତ୍ୱ ସଫଳତାର ସହ କରାଯିବା ନେଇ ସୂଚନା ଦେଇଥିଲେ। ମୁନିସିପାଲିଟି ଦ୍ୱାରା କରାଯାଉଥିବା ପରିମଳ ବ୍ୟବସ୍ଥା ଓ ଅନାନ୍ୟ କାର୍ଯ୍ୟକ୍ରମକ ର ଦାୟିତ୍ୱ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ବୁଝିବା ନେଇ କହିଥିଲେ। ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚଳିତ ବର୍ଷର ବାଲିଯାତ୍ରା ସଫଳ ଆୟୋଜନ କରାଯିବା ନେଇ କମିଟିର ଉପାଧକ୍ଷ ତଥା ପାରାଦୀପ ଏଡିଏମ୍ ନିରଂଜନ ବେହେରା ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ୨୦୧୯ ମସିହା ରୁ ବାଲିଯାତ୍ରାର ଆୟ ବ୍ୟୟର ହିସାବ ଦିଆ ନଯିବାରୁ ଗଣମାଧମ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ବାଲିଯାତ୍ରା କମିଟି ପ୍ରସ୍ତୁତି ବୈଠକ ରେ ଏହି ହିସାବ ସମସ୍ତ କମିଟି ମେମ୍ବରଙ୍କ ଉପସ୍ଥିତ ରେ ଦିଆଯାଉଥିବା ବେଳେ ୨୦୧୯ ରୁ (କୋଭିଡ ତିନି ବର୍ଷ କୁ ଛାଡି ଦେଲେ) ୨୦୨୪ ଓ ୨୦୨୫ ରେ ଏହି ହିସାବ କୁ ସର୍ବ ସମ୍ମୁଖରେ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଗଣମାଧମ ପ୍ରଶ୍ନ କରିଥିଲା ବେଳେ କମିଟି ପକ୍ଷରୁ କୌଣସି ଉତ୍ତର ରଖାଯାଇ ନଥିଲା ।ନିଜେ କମିଟିର ଅଧକ୍ଷ, ଉପାଧକ୍ଷ ଙ୍କ ସମେତ ମନ୍ତ୍ରୀ, ସାଂସଦ ଏବଂ ଏସ୍ପି ଉପସ୍ଥିତ ଥିଲେ ମଧ କେହି ମୁହଁ ଖୋଲି ନଥିଲେ ।ଯାହା ଫଳରେ ଗଣମାଧମ ପ୍ରତିନିଧି ଓ ବୁଦ୍ଧିଜୀବୀ ମାନଙ୍କ ମଧରେ କ୍ଷୋଭ ଦେଖାଦେଇଛି। ଦୁଇ ବର୍ଷ ହେବ ସରକାର ପରିବର୍ତ୍ତନ ପରେ କିମିଟି ରୁ କେତେ ଜଣକ ନାଁ ବାଦ ଦିଆଯାଇଥିବାରୁ ସେମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ରୂପ୍ସା କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ୧୨ ଘଣ୍ଟିଆ ବନ୍ଦ ଡାକରା




ବସ୍ତା ,୦୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ସମେତ ଜାତୀୟ ରାଜପଥ , ସରକାରୀ ବେସରକାରୀ ଫ୍ୟାକ୍ଟେରୀ ୧୨ଘଣ୍ଟିଆ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଯାଇଅଛି ।ବିଭିନ୍ନ ଦାବି ନେଇ ମୁଖ୍ୟତ ଇଲେକ୍ସନ କମିସନର ଜ୍ଞାନେସ କୁମାର ଙ୍କ ଇସ୍ତଫା ଓ ଗିରଫ ଦାବି ଏବଂ ଏମ୍ ଏମ୍ ଡି ଆର୍ ବିଲ୍ ର ପରିବର୍ତ୍ତନ, ବନ୍ୟା ପୀଡ଼ିତା ଙ୍କୁ ରିଲିଫ ଭଳି ବିଭିନ୍ନ ଦାବି ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ବାର ଘଣ୍ଟିଆ ଓଡ଼ିଶା ବନ୍ଦ କୁ ପୁର୍ଣ ସମର୍ଥନ ମିଳିଛି ସଂପୁର୍ଣ୍ଣ ସଫଳ ହୋଇଛି। ରୂପସା ରେ ସକାଳ କଂଗ୍ରେସ ନେତା କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଙ୍ଗ କରିଥିଲେ । ବିଭିନ୍ନ ଶିକ୍ଷା ଅନୁଷ୍ଠାନ , ଝୋଟମିଲ ଓ ୬୦ ନମ୍ବର ଜାତୀୟ ରାଜପଥ ରୂପସା ଛକ ନିକଟରେ ତିନୋଟି ପଞ୍ଚାୟତ ର ଶତାଧିକ କଂଗ୍ରେସ ନେତା ଓ କର୍ମୀ ବହୁ ଯାନବାହାନ ଚଳାଚଳ ବନ୍ଦ ରଖିଥିଲେ। ଦୋକାନବଜାର ସବୁ ବନ୍ଦ ହୋଇଥିଲା ବନ୍ଦ କୁ ସଫଳ କରିବା ପାଇଁ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଗତକାଲି ଡ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସହିତ ବିଭିନ୍ନ ସଂଗଠନ ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ନିବେଦନ କରାଯାଇଥିଲା । ଆଙ୍କୋ ପଞ୍ଚାୟତ ର କଂଗ୍ରେସ ସଭାପତି ଲେମ୍ବୁଦୋର ଜେନା , ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା , ପ୍ରଶାନ୍ତ ବେହେରା , ରୂପସା ପଞ୍ଚାୟତ ର କଂଗ୍ରେସ ସଭାପତି ଗଗନ କୁମାର ଗିରି , ଯୁବ ନେତା ଜଗଦୀଶ ବେହେରା , ଉତ୍ତମ ବେହେରା ସେହିଭଳି କଷିପଦା ପଞ୍ଚାୟତ ର ଜେନେରାଲ ସେକ୍ରେଟାରୀ ବାଲେଶ୍ୱର କଂଗ୍ରେସ ମନୋରଞ୍ଜନ ନାୟକ, ସୁବାସ ପାତ୍ର, ବିଜୟ ମହାପାତ୍ର , ଉମାକାନ୍ତ ରାଉତ , ଶଶଧର ମହାପାତ୍ର , ବିକାସ ପରିଡ଼ା ଏହି ବନ୍ଦ ର ନେତୃତ୍ୱ ନେଇଥିବା ବେଳେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସେହିପରି ହଳଦୀପଦା ରେ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଥିଲା। ପୁଲିସ ପକ୍ଷରୁ ପେଟ୍ରୋଲିଂ କଡାକଡି ହୋଇଥିଲା ।

# ଜଣେ ଖଲାସିରେ ଚାଲିଛି ରିଷିଆ କେନାଲ: ଖାଲି ପଡିଛି ୭ପଦବୀ



ନୀଳଗିରି,୦୮/୧୦ (ନି.ପ୍ର): ଦିନେ ଯେଉଁ ରିଷିଆ କ୍ଷୁଦ୍ରଜଳସେଚନ ପ୍ରକଳ୍ପର ଚାଷୀଙ୍କ ହିତପାଇଁ ନିର୍ମାଣ ହୋଇଥିଲା ଆଜି ସେହି ରିଷିଆକେନାଲ ପାଇଁ ଚାଷୀ ଦୁଃଖରେ । କେନାଲର ଦେଖାଶୁଣା ପାଇଁ ନାହାନ୍ତି ପର୍ଯ୍ୟାପ୍ତ ଖଲାସି। ୮ ଜଣ ପରିବର୍ତ୍ତେ ଜଣେ ଖଲାସିଙ୍କ ଭରଷାରେ ଚାଲିଛି ରିଷିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ୪ହଜାର ୩ଶହ ୫୦ଫୁଟ ଲମ୍ବ ବିଶିଷ୍ଟ ଏହି ରିଷିଆ ପ୍ରକଳ୍ପ। ଯାହାର ଜଳଧାରଣ କ୍ଷମତା ୨୧ସ୍କୋୟାର ମାଇଲ ରହିଛି । ଖରିଫ ଋତୁରେ ୪ହଜାର ୫ଶହ ଏକର ଓ ରବି ଋତୁରେ ୧ହଜାର ୮ଶହ ଏକର ଜମିକୁ ପାଣି ଯୋଗାଇଥାଏ। ରଷିଆ କେନାଲ ଅଧୀନରେ ୫୦ କିମି କେନାଲ ରହିଛି। ଯେଉଁ କେନାଲର ଗେଟ୍ ଗୁଡିକୁ ଖୋଲିବା ,କେନାଲର ସ୍ଥିତି ପରଖିବା ପାଇଁ ମୋଟ ୮ଜଣ ଖଲାସୀ ପୂର୍ବରୁ ନିଯୁକ୍ତ ରହିଥିଲେ। ହେଲେ ୨ବର୍ଷ ହେବ ୭ଜଣ ଖଲାସୀ ଅବସରନେବା ପରେ ମାତ୍ର ଜଣେ ଖଲାସୀଙ୍କ ଅଧୀନରେ ଏହି ୫୦ କିମି କେନାଲର ଦାୟିତ୍ୱ ରହିଛି। ମୋଟ ୧୬ଗୋଟି ଗେଟ ଖୋଲାଗଲେ ଚାଷୀଙ୍କ ଚାଷଜମିକୁ ପାଣି ପହଞ୍ଚିଥାଏ ,ଯାହା ଜଣେମାତ୍ର ଖଲାସୀଙ୍କ ପକ୍ଷରେ କାଠିକାର ପାଠ। ଫଳରେ ଅନେକ ସମୟରେ ଚାଷୀଙ୍କ ବିଲରେ ପାଣି ପହଞ୍ଚିପାରୁନଥିବା ବେଳେ, କେନାଲର ସଫେଇ ସଠିକ ସମୟରେ ହେଉନାହିଁ ଫଳରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ପାଖାପାଖି ୬ଘଣ୍ଟା ପର୍ଯ୍ୟନ୍ତ ନୀଳଗିରି କ୍ଷୁଦ୍ରଜଳସେଚନ ବିଭାଗ ଏସ୍‌ଡିଓଙ୍କୁ ଛତ୍ରପୁର ଗ୍ରାମବାସୀ ଅଟକ ରଖିଥିଲେ। ଏନେଇ କ୍ଷୁଦ୍ରଜଳସେଚନ ବିଭାଗର ଏସ୍‌ଡିଓ ନିମାଇ ଜେନାଙ୍କୁ ପଚାରିବାରୁ ଖଲାସି ନିଯୁକ୍ତି ଆମ ହାତରେ ନାହିଁ । ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣେଇଛୁ ହେଲେ ନିଯୁକ୍ତି ମିଳନି, ଫଳରେ ଅନେକ ଅସୁବିଧା ଉପୁଜୁଛି। ଚାଷୀଙ୍କୁ ସଠିକ ଭାବରେ ସମସ୍ତ ସୁବିଧା ପହଞ୍ଚେଇ ହେଉନି ତଥାପି ଚେଷ୍ଟା କରୁଛୁ ଚାଷୀଙ୍କ ସମସ୍ୟା ସମାଧାନ କରିବା ପାଇଁ ବୋଲି କହିଛନ୍ତି।

## ଭଦ୍ରକରେ ହାଇବ୍ରିଡ୍ ମୋଡ୍‌ରେ ଜୋଶ୍ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ: ଟିବି ମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ସରପଞ୍ଚ ପୁରସ୍କୃତ

ଭଦ୍ରକ,୦୮/୧୦ (ନି.ପ୍ର): ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଜୋଶ୍ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଗୁରୁବାର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଛି ।କେନ୍ଦ୍ରସ୍ତରରେ ଆୟୋଜିତ ଜାତୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଏହାକୁ ସଂଯୋଜିତ କରାଯାଇଥିଲା। ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନାଡ୍ଡା (ଜେ.ପି. ନାଡ୍ଡା) ନେତୃତ୍ୱ ନେଇଥିବାବେଳେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ତଥା ଯୁବ ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟା ଉପସ୍ଥିତ ଥିଲେ ।ଭଦ୍ରକର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, ସରପଞ୍ଚ, ଏନ୍‌ସିସି କମାଣ୍ଡର, ମେରା ଯୁବ ଭାରତର ଯୁବ ସମନ୍ୱୟକଙ୍କ ସମେତ ସିଡିଏମଓ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏଡିପିଏଚଓ (ଡିସି), ଏଡିପିଏଚଓ (ଟିବି), ଏଡିପିଏଚଓ (ଲେପ୍ରୋସି) ଏବଂ ଏଡିପିଏଚଓ (ପରିବାର କଲ୍ୟାଣ) ଯୋଗଦେଇଥିଲେ। ଯକ୍ଷ୍ମା ନିରାକରଣ ଅଭିଯାନରେ ଯୁବଶକ୍ତିକୁ ସାମିଲ କରି ସମୁଦାୟସ୍ତରରେ ସଚେତନତା ବୃଦ୍ଧି, ଯକ୍ଷ୍ମାର ଲକ୍ଷଣ ଚିହ୍ନଟ, ଦ୍ୱରିତ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସମାପ୍ତିକୁ ପ୍ରୋତ୍ସାହିତ କରିବା ଜୋଶ୍ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଅଭିଯାନରେ ଶ୍ରେଣୀ-୧ ଅଧିକାରୀ, ମେରା ଯୁବ ଭାରତ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ମିଳିତ ଭାବେ କାର୍ଯ୍ୟ କରିବେ ଏହି ଅବସରରେ ଜିଲ୍ଲାରେ ଟିବି ମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା। ଯକ୍ଷ୍ମା ମୁକ୍ତ ଭଦ୍ରକ ଗଠନ ପାଇଁ ସରକାରୀ ବ୍ୟବସ୍ଥା ସହ ସାଧାରଣ ଲୋକଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ।

# ଲଙ୍ଗଳେଶ୍ୱରରେ ବନ୍ଦ ସଫଳ



ଲଙ୍ଗଳେଶ୍ୱର ,୦୮/୧୦ (ନି.ପ୍ର): ଆଜି ଚାରି ଦଫା ଦାବି ନେଇ ଜାତୀୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ଡାକରା ଲଙ୍ଗଳେଶ୍ୱର ରେ ସଫଳ ହୋଇଛି ।ସକାଳ ୬ଟା ବେଳୁ ସ୍ଥାନୀୟ କର୍ମୀ ମାନେ ଆସି ଲଙ୍ଗଳେଶ୍ୱର ବଜାର ମଝିରେ ବେନର ଟାଙ୍ଗି ରାସ୍ତାରେ ଟାୟାର ଜାଳି ବନ୍ଦ କରିବା ସହିତ ଦୋକାନ ବାଡି ମଧ ବନ୍ଦ କରିଥିଲେ ।ପରେ ସମସ୍ତ ସ୍କୁଲ କଲେଜ ସି ଟି ସ୍କୁଲ ବ୍ୟାଙ୍କ୍ ଇତ୍ୟାଦି ବନ୍ଦ କରିଥିଲେ। ବଡ ବଡ ବସ ଟ୍ରକ୍ ଇତ୍ୟାଦି ଯାତାୟାତ କରିପାରୁ ନ ଥିବା ବେଳେ ଛୋଟ ଛୋଟ ଯାନ ମଧ ଚଳା ଚଳ କରୁ ନ ଥିବାର ଦେଖିବାକୁ ମିଳିଥିଲା ।କୌଣସି ଜାଗାରେ ଅପ୍ରୀତିକର ପରିସ୍ଥିତି ଦେଖାଯାଇ ନ ଥିବାରୁ ଶାନ୍ତି ଶୃଙ୍ଖଳା ସହିତ ବନ୍ଦ ପାଳନ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବଣିଆଡିହା ପଞ୍ଚାୟତ ସଭାପତି କମଳା କାନ୍ତ ଦାସ, ଦଳୀୟ ନେତା ଜଗତ ଜୀବନ ଦାସ, ସରପଞ୍ଚ କାଳୀ ଚରଣ ଜେନା,ଚନ୍ଦନ ନାୟକ,ଅମୂଲ୍ୟ ପଟ୍ଟାୟତ, ପ୍ରଦିପ କୁମାର ଜେନା,ସାର୍ତ୍ତୁକ୍ ରାଉଳ, ଏସ କେ ବାବୁ, ରଘୁନାଥ ସାମଲ,ରତ୍ନାକର ଜେନା,ସେକ କମୃର୍ଦ୍ଦିନ, ସନିଆ ଜେନା, ମନୋରଞ୍ଜନ ପାତ୍ର, ତାପସ ପାତ୍ର ଏସ କେ କଷି ସମେତ ବହୁ କର୍ମୀ ମାନେ ଯୋଗଦେଇଥିଲେ। ଏହାବ୍ୟତୀତ ମାନ୍ଧାତା ବଜାର, ବାଲିକୁଟି, ସୁନାରୁଇ ବଜାର, ଦେଉଳା ବଜାର,ପଞ୍ଚୁପାଲି ବଜାର,ଦ୍ୱାରିକା ବଜାର,ନୂଆଗାଁ ବଜାର, ଜମ୍ବିରାଇ,କୁଣ୍ଡୁଳି, ନିମପଦା ବଜାର,ଇତ୍ୟାଦି ସକାଳେ କଂଗ୍ରେସ ର କର୍ମୀ ମାନେ ପିକେଟିଙ୍ଗ କରି ବନ୍ଦ କରି ଦେଇଥିଲେ। ମଧ୍ୟାହ୍ନ ପରେ ଗାଡ଼ି ମଟର ଚଳା ଚଳ କରିବା ସହିତ ଦୋକାନ ବଜାର ଖୋଲା ହୋଇ ପରିସ୍ଥିତି ସ୍ୱାଭାବିକ ଥିଲା। ଏହି ବନ୍ଦ ଯୋଗୁଁ ବହୁ ଲୋକ ହଇରାଣ ହରକତ ହୋଇଛନ୍ତି। ମର୍କେଟିଂ କରିବା ସହିତ ଦୂରସ୍ଥାନକୁ ଲୋକେ ନ ଯାଇ ପରି ବହୁ କ୍ଷତି ସହିଛନ୍ତି।




ସନାତନ ଶାସ୍ତ୍ରରେ ମା' ମହାଲକ୍ଷ୍ମୀଙ୍କୁ ଧନର ଦେବୀ କୁହାଯାଉଥିବା ବେଳେ ଭଗବାନ କୁବେରଙ୍କୁ ଧନ,ଐଶ୍ୱର୍ଯ୍ୟର ଦେବତା ବୋଲି କୁହାଯାଏ । କୁବେର ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଘରମାନଙ୍କରେ ତାଙ୍କର ମୂର୍ତ୍ତି ଏବଂ ପ୍ରିୟ ଖାଦ୍ୟ ପ୍ରସ୍ତୁତ କରି ଭୋଗ ଲଗାଯାଏ । କିନ୍ତୁ କ'ଣ ଆପଣ ଜାଣିଛନ୍ତି କି କୁବେର ଦେବଙ୍କ ପ୍ରିୟ ଗଛ କ'ଣ ? ଯାହାକୁ ରଖିଲେ ସକରାତ୍ମକ ଶକ୍ତିର ପ୍ରବାହ ହେବା ସହ ଘରେ ଆର୍ଥିକ ସ୍ଥିତିର କୌଣସି ଅସୁବିଧା ଦେଖିବାକୁ ମିଳେ ନାହିଁ । ବାସ୍ତୁଶାସ୍ତ୍ର ଅନୁସାରେ କ୍ରାସୁଲା, କୁବେରାକ୍ଷୀ ବା ଇଂରାଜିରେ ଜେଡ୍ ପ୍ଲାର୍ଟ କୁହାଯାଉଥିବା ଏହି ଗଛ ଘରେ ରଖିଲେ ଭଗବାନ କୁବେରଙ୍କ କୃପା ଘର ଉପରେ ବର୍ଷିଥାଏ । ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଏହି ଗଛ ଘରେ ଧନ-ସମୃଦ୍ଧିର ପ୍ରବାହକୁ ବଢ଼ାଇଥାଏ । କିନ୍ତୁ ଏହି ଗଛ ମଧ ଭିନ୍ନ ଭିନ୍ନ କିସମର ମିଳିଥାଏ । ବଜାରରେ ଏକା ପରି ଦେଖାଯାଉଥିଲେ ମଧ ଜେଡ୍ ପ୍ଲାଣ୍ଟର ଅଲଗା ଅଲଗା ଗଛ ମିଳେ । ତେବେ ଏନେଇ ଗାର୍ଡେନିଙ୍ଗ୍ ଏକ୍ସପର୍ଟ ପତ୍ରରୁ ଦେଖି ଗଛ ଚିହ୍ନିପାରିବେ ବୋଲି କହିଛନ୍ତି । ଏହାବ୍ୟତୀତ ଆପଣ ଲକି ପ୍ଲାଣ୍ଟ୍ ଲଗାଇବାର ସଠିକ ଉପାୟ ମଧ ଜାଣିପାରିବେ । ଯାହାଦ୍ୱାରା ଘରେ ସକରାତ୍ମକ ଶକ୍ତି ବୃଦ୍ଧି ହେବା ସହ ସୁଖ ଏବଂ ସମୃଦ୍ଧିର ଦ୍ୱାର ଖୋଲିବ । କ୍ରାଶୁଲା କୁହାଯାଉଥିବା ଏହି ଗଛକୁ ଭାଗ୍ୟ ବଦଳାଉଥିବା ଗଛ ବୋଲି ମଧ କୁହାଯାଏ । ଅସଲି ଏବଂ ନକଲି ଗଛ ଚିହ୍ନିବାର ସହଜ ଉପାୟ ହେଉଛି ପତ୍ରର ଆକାର । ବଜାରରେ ମିଳୁଥିବା ଏହି ଗଛର ପତ୍ର ଗୋଲାକାର ବା ଅଣ୍ଡାକାର ଭଳି ଦେଖାଯାଏ । ଯାହା ଦେଖିବାକୁ ତ ସୁନ୍ଦର ଦେଖାଯାଏ କିନ୍ତୁ ଏହା ପ୍ରକୃତ ଗଛ ନୁହେଁ । ଯେଉଁ ଗଛକୁ ସୌଭାଗ୍ୟଶାଳୀ ବୋଲି କୁହାଯାଏ ସେହି ଗଛର ପତ୍ର ତ୍ରିଭୂଜକାର ଭଳି ଦେଖାଯାଏ । ଏହାର ପତ୍ର ଉପରପଟୁ ମୁନିଆ ଭଳି ଦେଖାଯାଏ ଯାହା ଅନ୍ୟ ଗଛରୁ ଭିନ୍ନ ଦେଖାଯାଏ । ଏହା ସେହି ଗଛ ଯାହା ବାସ୍ତୁ ଏବଂ ଫେଂଗଶୁଇରେ ଧନକୁ ଆକର୍ଷିତ କରୁଥିବା ଗଛ ବୋଲି କୁହାଯାଏ । ଏହି ଗଛକୁ ହିଁ କୁବେରଙ୍କ ପ୍ରିୟ ବୋଲି କୁହାଯାଏ । ଏହି ପ୍ଲାଣ୍ଟକୁ ଶୁଖିଲା ମାଟି ପସନ୍ଦ । ୫୦% ମାଟି , ୨୫% ବାଲି ଏବଂ ୨୫% ସାରକୁ ମିଶାଇ ଆପଣ ଏହି ପ୍ଲାଣ୍ଟ୍ ଘରେ ଲଗାଇ ପାରିବେ । ଯେହେତୁ ଏହି ପ୍ଲାଣ୍ଟର ପତ୍ରରେ ପାଣି ଜମି ରହିବାର କ୍ଷମତା ଥାଏ ତେଣୁ କମ୍ ପାଣିର ବ୍ୟବହାରରେ ଗଛକୁ ଆପଣ ଲଗାଇ ପାରିବେ । ଅଧିକ ପାଣି ଦେବା ଦ୍ୱାରା ମାଟି ଓଦା ରୁହେ ଏବଂ ଗଛ ମରିଯିବାର ସମ୍ଭାବନା ଅଧିକ ରହିଥାଏ।

ଜେଡ୍ ପ୍ଲାଣ୍ଟକୁ ସତେଜ ଏବଂ ପତ୍ରକୁ ଚମକଦାର ରଖିବା ପାଇଁ ସକାଳର ସୂର୍ଯ୍ୟକିରଣ ଅର୍ଥାତ୍ ୭ ଟାରୁ ୯ ଟା ଭିତରର କିରଣ ବହୁତ ଭଲ । କିନ୍ତୁ ଦ୍ୱିପ୍ରହରର ଖରା ପତ୍ରକୁ ଜଳାଇବାର ଶକ୍ତି ରଖେ । ତେଣୁ ଠିକ୍ ସମୟରେ ଗଛକୁ ବାହାରେ ରଖନ୍ତୁ । ଅନ୍ୟପକ୍ଷରେ ଥଣ୍ଡା ତାପମାନରେ ମଧ ଏହି ଗଛ ମରିଯାଏ । ଏହି ପ୍ଲାଣ୍ଟକୁ ଝଙ୍କାଳିଆ କରିବା ପାଇଁ ନିୟମିତ କାଟି ସାର ଦେବା ଦରକାର । କାଟିବା ଅଂଶକୁ ଫୋପାଡ଼ିବା ବଦଳରେ ଅନ୍ୟ ଏକ କୁଣ୍ଡରେ ମାଟିରେ ପୋତି ଦିଅନ୍ତୁ ଆଉ ଗୋଟିଏ ଜେଡ୍ ପ୍ଲାଣ୍ଟ୍ ହେବ । ଆପଣ ଚାହିଲେ ଏହି ପ୍ଲାଣ୍ଟରେ କଫି ପାଉଡର୍ ମଧ ପକାଇ ପାରିବେ।






ଆପଣ ଯେତେବେଳେ କେଉଁ ମେଳା , ଯାନିଯାତ କିମ୍ବା ସପିଂ ମଲ୍ ବୁଲିବାକୁ ଯାଇଥିବେ ତା'ହେଲେ ସେଠାରେ ବାହାରେ ବିକ୍ରି ହେଉଥିବା କଟନ୍ କ୍ୟାଣ୍ଡି ଯାହାକୁ ବମ୍ବେ ଲଡୁ ବା ବୁଢ଼ିଆ ବାଲ୍ କୁହାଯାଏ ତାହା କେବେ ନା କେବେ ଖାଇଥିବେ । ଖାସ୍ କରି ଯଦି ସାଙ୍ଗରେ ଛୋଟ ପିଲା ଗଲେ ତା'ହେଲେ ଏହି ଗୋଲାପୀ ରଙ୍ଗର ମିଠେଇ ଖାଇବାକୁ ହିଁ ପଡ଼ିବ । ତେବେ ଛୋଟପିଲାଙ୍କୁ ଭାରି ପସନ୍ଦ ଏହି ବମ୍ବେ ଲଡୁ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ତାମିଲନାଡୁ ସରକାର ଏହି କ୍ୟାଣ୍ଡିର ଉତ୍ପାଦନକୁ ବର୍ଷେ ତଳେ ହିଁ ବନ୍ଦ କରି ଦେଇଥିଲେ । ଯାହାର କାରଣ ଥିଲା 'ରୋଡାମାଇନ୍ ବି' । ପିଲାଙ୍କ ମଧରେ ଅଧିକ ଖିଆ ଯାଉଥିବା ଏହି କଟନ୍ କ୍ୟାଣ୍ଡିରେ କିଛି ବିକ୍ରେତା ରୋଡାମାଇନ୍ ବି ଭଳି ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଥିଲେ ବୋଲି ସୂଚନା ମିଳିଥିଲା । ଯାହା ଫଳରେ ପ୍ରଥମେ ପଣ୍ଡିଚେରୀ ଏବଂ ପରେ ତାମିଲନାଡୁରେ ଏହାର ଉତ୍ପାଦନକୁ ବନ୍ଦ କରାଗଲା । ତେବେ ରୋଡାମାଇନ୍ ବି'ର ବ୍ୟବହାର କ୍ୟାଣ୍ଡିର ରଙ୍ଗ ଗୋଲାପୀ କରେ ବୋଲି ସେତେବେଳେ କୁହାଯାଇଥିଲା । ଏହା ଏକପ୍ରକାର ରାସାୟନିକ ଯୌଗିକ ଯାହା ଚୁଟି କଲର୍ କରିବା ପାଇଁ ବ୍ୟବହାର କରାଯାଏ । କିନ୍ତୁ ଏଥିରେ ଥିବା ରାସାୟନିକ ପଦାର୍ଥ ପେଟକୁ ଗଲେ ନାନା ପ୍ରକାରର ରୋଗର ବାହକ ହେବା କାରଣରୁ ଦକ୍ଷିଣ ଭାରତର ଅନେକ ସ୍ଥାନରେ ଏହି କଟନ୍ କ୍ୟାଣ୍ଡିକୁ ବ୍ୟାନ୍ କରାଯାଇଛି । ଅଧ୍ୟୟନରୁ ଜଣାପଡ଼େ ଯେ ରୋଡାମାଇନ୍ ବିର ଅଧିକ ସେବନ କରିବା ଦ୍ୱାରା କ୍ୟାନ୍ସର,ଲିଭର୍ ସମସ୍ୟା ଏବଂ ଶରୀରରେ ବିଷାକ୍ତ ପଦାର୍ଥର ମାତ୍ରା ବଢ଼ି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ରୂପ ନେଇଥାଏ । ତାମିଲନାଡୁରେ କଟନ୍ କ୍ୟାଣ୍ଡିର ପ୍ରତିବନ୍ଧ ଖାସ୍ କରି ଛୋଟ ପିଲାଙ୍କ ପାଇଁ ଅଣାଗଲା । ଭାରତର ପ୍ରତି ଗଳିରେ ସହଜରେ ମିଳିଯାଉଥିବା ଏହି କ୍ୟାଣ୍ଡି ଦେହ ପାଇଁ କେତେ କ୍ଷତିକାରକ ଜାଣିବା ପରେ ବାପା,ମା'ମଧ ସଚେତନ ହେଉଛନ୍ତି । ବର୍ତ୍ତମାନ ଇନଷ୍ଟାରେ ଏକ ଭିଡିଓ ଭାଇରାଲ୍ ହେଉଛି ଯେଉଁଥିରେ ପ୍ରଫେସର ବି.ପି.ଏସ୍ ତ୍ୟାଗି ନାମକ ଜଣେ ଜଣାଶୁଣା ଡାକ୍ତର ଏହି କ୍ୟାଣ୍ଡିର ନକରାତ୍ମକ ପ୍ରଭାବ ଉପରେ ସଚେତନ କରାଉଥିବାର ନଜର ଆସିଛନ୍ତି । ଡାକ୍ତର ଭିଡିଓରେ କହୁଛନ୍ତି ଯେ କ୍ୟାଣ୍ଡିରେ ବ୍ୟବହୃତ ରଙ୍ଗ ପେଟକୁ ଯିବା ଫଳରେ ଏହା ମୂତ୍ର କିମ୍ବା ମଳ ଭାବରେ ବାହାରକୁ ବାହାରେ ନାହିଁ ବରଂ ଲିଭରରେ ଜମା ହୁଏ । ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅନ୍ୟପଟେ ଏଥିରେ ଯେଉଁ ଜରିର କଭର୍ ଲଗାଯାଏ ବେଳେବେଳେ ବିକ୍ରେତା ମେସିନ୍ ବଦଳରେ ପାଟିରେ ପବନ ଭରିଥା'ନ୍ତି ଯାହାଦ୍ୱାରା ସେମାନଙ୍କ ଶରୀରର ଯେଉଁ ସଂକ୍ରମଣ ରୋଗ ଥିବ ତାହା କ୍ୟାଣ୍ଡି ଖାଉଥିବା ଛୁଆଙ୍କ ଭିତରକୁ ପ୍ରବେଶ କରେ । ଏହାଦ୍ୱାରା ଛୋଟ ଛୁଆଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଥାଏ । ଯେହେତୁ ଛୋଟ ପିଲାଙ୍କୁ ଏହି କ୍ୟାଣ୍ଡି ଖାଇବା ବହୁତ ପସନ୍ଦ ତେଣୁ ସେମାନଙ୍କ ଅଜାଣତରେ ହିଁ ଛାତିରେ ଇନଫେକ୍ସନ,ଟ୍ୟୁମର୍ କ୍ଲସେସ୍ ଭଳି ସଂକ୍ରମଣ ରୋଗ ବ୍ୟାପିଯାଏ । ତେବେ ସମୟ ପୂର୍ବରୁ ଏଥିପ୍ରତି ସତର୍କ ନହେଲେ ଜୀବନ ଚାଲିଯିବାର ଭୟ ମଧ ଲାଗିରୁହେ ।




ମୁଖମଣ୍ଡଳର ସୁନ୍ଦରତା ପାଇଁ କିଏ କେତେ ଉପାୟ ଅବଲମ୍ବନ କରୁଛନ୍ତି। ଏମିତି କି ଘରୋଇ ଉପଚାର ମଧ କରୁଛନ୍ତି। କିଛି କିଛି ଜିନିଷ ଆମ ହାତ ପାହାନ୍ତାରେ ଥାଏ କିନ୍ତୁ ଆମେ ଏହାର ଠିକ୍ ଉପଯୋଗ କରିପାରୁ ନାହୁଁ। ଏହା ମଧ୍ୟରେ ରହିଛି ତୁଳସୀ ପତ୍ର। ଆମ ଘର ସମ୍ମୁଖରେ ନିତି ପାଇବା। ତେବେ ଚାଲନ୍ତୁ ଏହା ଆମ ତ୍ୱଚା ପାଇଁ କେତେ ଉପକାରୀ ଜାଣିବା...

ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍ ଭରପୂର ମାତ୍ରାରେ ରହିଛି, ଯାହା ଖରାପ ତ୍ୱଚାକୁ ଏକ ଚମକ ଦେବାରେ ସାହାଯ୍ୟ କରିବା ସହ କୁଞ୍ଚନରେଖାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ। ଜାଣ

ପ୍ରସ୍ତୁତ ପ୍ରଣାଳୀ: ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ। ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ।

ପତ୍ର ବଟା କିମ୍ବା ଏହାର ପାଉଡ଼ର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର କଳାଦାଗ ସମସ୍ୟା କମାଇବା ସହ ମୁହଁରେ ଚମକ ଆସିଥାଏ।




ଶୀତ ପଡ଼ିଲାଣି ମତେ ଥଣ୍ଡା, କାଶ ହେବା ଗୋଟେ ସାଧାରଣ ସମସ୍ୟା । କେବେ କାଶ ଶୀଘ୍ର ଭଲ ହୋଇଯାଏ ହେଲେ ଅନେକ ସମସ୍ୟାରେ କାଶ ସପ୍ତାହ ସପ୍ତାହ ଧରି ଲାଗି ରୁହେ । ଏମିତି କାଶ ଯେ ନା କଥା କହିହୁଏ ନା ଶୋଇହୁଏ । କିନ୍ତୁ ଏଭଳି କିଛି ଘରୋଇ ଉପଚାର ଅଛି ଯାହା ଆପଣାଇଲେ ଯେତେ ଦିନର କାଶ ହେଉ ପଛେ ଭଲ ହୋଇଯିବ । ଏବେ ଜାଣନ୍ତୁ କିଛି ଘରୋଇ ଉପଚାର : କାଶ ଦୁଇଟି କାରଣରୁ ହୋଇପାରେ ପେଟ ଗରମ ହେଲେ ଶୁଖିଲା କାଶ ହୁଏ । ଥଣ୍ଡା ହେଲେ କଫ ଜମି ଲହରା କାଶ ହୁଏ । ଫଳରେ ତଣ୍ଟି ଟି ଛିଡ଼ିଯାଇ ରକ୍ତ ବି ବେଳେ ବେଳେ ପଡ଼େ । କାଶ ଯୋଗୁଁ ତଣ୍ଟି , ବି ଦରଜ ହୋଇ ସ୍ୱର ପଡ଼ିଯାଏ । ତେବେ ଯଦି ଆପଣଙ୍କର ଶୁଖିଲା କାଶ ହେଉଛି , ତାହେଲେ ଚିମୁଟେ ହଳଦି ଗୁଣ୍ଡ ନିଅନ୍ତୁ । ଏହାକୁ କଳରେ ଜାତି ରଖି ଏହାକୁ ଧୀରେ ଧୀରେ ଢ଼ୋକନ୍ତୁ। ଯେମିତି କିଛି ଚକଲେଟ୍ କି ଅଁଳା ଜାତି ତାର ରସକୁ ଧୀରେ ଧୀରେ ଢ଼ୋକନ୍ତି ସେଭଳି ହଳଦୀର ରସକୁ ଢ଼ୋକନ୍ତୁ । ହଳଦି ବେଷ୍ଟ ଆଣ୍ଟିବାୟୋଟିକ୍ ହୋଇଥିବାରୁ ଏହା ଧୀରେ ଧୀରେ ଗଳାକୁ ଠିକ କରିବା ସହ କାଶ ସମସ୍ୟାକୁ ଦୂରେଇ ଦେବ । ହଁ ବ୍ୟବହାର କରୁଥିବା ହଳଦି ଶୁଦ୍ଧ ହୋଇଥିବା ଦରକାର । କାରଣ ବଜାରରେ ମିଳୁଥିବା ଅଧିକାଂଶ ହଳଦି ଅପମିଶ୍ରିତ ବା ଭେଜାଲ ହୋଇଥିବା କାରଣରୁ ଏହାର ଔଷଧୀୟ ଗୁଣ ଉପରେ ବି ସନ୍ଦେହ ରହିଛି । କାଶ ପାଇଁ ହଳଦିର ଉପଚାର ଥରକରେ ଯଦି କାମ ନଦିଏ ଏହାକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନିଶ୍ଚୟ ଉପଶମ ମିଳିବ । ଦିନକୁ ୪ରୁ ୫ ଥର ହଳଦୀ ଗୁଣ୍ଡକୁ କଳରେ ଜାକିଲେ ଉପଶମ ମିଳିବ ନିଶ୍ଚୟ ।

ଏବେ ଜାଣିବା କଫ କାଶ ବା ଥଣ୍ଡା କାଶ ହେଲେ କ'ଣ କରିବେ : ଗୋଟେ ଚାମଚ ଅଦାରସ ନିଅନ୍ତୁ । ସେଥିରେ ଅଧା ଚାମଚ ମହୁ ମିଶାଇ ଏହାକୁ ଦିନକୁ ୩ରୁ ୪ ଥର ସେବନ କରନ୍ତୁ । ଦେଖିବେ ଗଳାରୁ କଫ ଖସିବ ଏବଂ ଗଳା ସଫା ହୋଇଯିବ । କଫ ତରଳି କାଶ ବାଟେ ବାହାରିଯିବ । ଏବଂ ଦିନେ ଦୁଇ ଦିନରେ ଏହି ଘରୋଇ ଉପଚାର ଘୋର କାଶ ସମସ୍ୟାକୁ ବି ଦୂରେଇଦେବ । ଏହି ପଥିର ପ୍ରଥମ ବ୍ୟବହାରରେ ହିଁ ହାଲକା ଅନୁଭବ କରିବେ । ଆଉ ୩ରୁ ୪ଥରର ବ୍ୟବହାର କାଶ ସମସ୍ୟାକୁ ନିଶ୍ଚୟ ଦୂର କରିବ । ତେବେ ଆଜି ହିଁ ଏହି ଘରୋଇ ଉପଚାର ଆପଣାନ୍ତୁ ଏବଂ କାଶରୁ ମୁକ୍ତି ପାଆନ୍ତୁ ।

## ଜାଣନ୍ତୁ ଶରୀରରେ କେଉଁ ରୋଗ ସାଜିଥାଏ ସାଇଲେଣ୍ଟ କିଲର



ସାଧାରଣତଃ ଶରୀରରେ କୌଣସି ସମସ୍ୟା ଥିଲେ ତାହା ଆପଣାଛାଏଁ ସଙ୍କେତ ଦେଇ ଦେଇଥାଏ । କିନ୍ତୁ ଆପଣମାନେ ଜାଣନ୍ତି କି ଏମିତି ଅନେକ ଗମ୍ଭୀର ରୋଗ ଅଛି ଯାହାକୁ ସାଇଲେଣ୍ଟ କିଲର କୁହାଯାଏ । ଏହି ରୋଗଗୁଡ଼ିକ କୌଣସି ସଙ୍କେତ ବିନା ଧୀରେଧୀରେ ଶରୀରରେ ପ୍ରଭାବ ବିସ୍ତାର କରିଚାଲିଥାଏ । ଯାହାଫଳରେ ଆଗାମୀ ଦିନରେ ଯକୃତ, ବୃକକ୍ ଏବଂ ପାନକ୍ରିୟାସ୍ ଭଳି ଅଙ୍ଗଗୁଡ଼ିକ ନଷ୍ଟ ହେବାକୁ ଲାଗିଥାଏ ।ତେଣୁ, ଏହି ରୋଗଗୁଡ଼ିକ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ । ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଏକ ସୁସ୍ଥ ଜୀବନଶୈଳୀ ଏବଂ ସମୟାନୁସାରେ ସ୍କ୍ରିନିଂ ଏହି ଲୁକ୍କାୟିତ ବିପଦରୁ ରକ୍ଷା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ । ଯକୃତରେ ଅତ୍ୟଧିକ ଚର୍ବି ଜମା ହୋଇ ରହିଛି କି। ଡାକ୍ତର ଆପଣଙ୍କୁ ଫ୍ୟାଟି ଲିଭରର ସଙ୍କେତ ଦେଇଛନ୍ତି କି? ଶରୀରରେ ଯଦି ଏହି ସମସ୍ୟା ରହିଛି ତେବେ ଆଗାମୀ ଦିନରେ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ । ପ୍ରାରମ୍ଭିକ ସମୟରେ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଦିଏ ନାହିଁ। ଏହି କାରଣରୁ ଅନେକ ଲୋକ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ । ଯଦି ଏହାର ଶୀଘ୍ର ସମାଧାନ ନ କରାଯାଏ, ତେବେ ଏହା ଯକୃତକୁ ଧୀରେଧୀରେ ନଷ୍ଟ କରି ଦେଇଥାଏ। ହୃଦରୋଗ ମଣିଷ ମୃତ୍ୟୁର ପ୍ରମୁଖ କାରଣ ପାଲଟିଗଲାଣି। ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦରୋଗ ଥିଲେ ଏହା କୌଣସି ପ୍ରକାର ଲକ୍ଷଣ ଦେଖା ଦେଇ ନଥାଏ। । ଉଦାହରଣ ସ୍ୱରୂପ ଧମନୀଗୁଡ଼ିକ ଧୀରେ ଧୀରେ ସଂକୁଚିତ ହୁଏ, କୌଣସି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକର ଅନୁଭବ ହୁଏ ନାହିଁ କିନ୍ତୁ ହଠାତ୍ ହୃଦଘାତ ହେବାର ଆଶଙ୍କା ରହିଥାଏ । ସାଇଲେଣ୍ଟ ହାର୍ଟଆଟାକ ଅତ୍ୟନ୍ତ ବିପଜ୍ଜନକ । ଏହି ହାର୍ଟଆଟାକ ହେଲେ ଛାତିରେ ଯନ୍ତ୍ରଣା ହୋଇ ନଥାଏ କିନ୍ତୁ ଥକ୍କାପଣ, ହାଲୁକା ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଦେଖା ଦେଇଥାଏ ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରି ଦେଇଥାଆନ୍ତି। ଉଚ୍ଚ ରକ୍ତଚାପ ବି ସାଇଲେଣ୍ଟ କିଲର ରୋଗ ତାଲିକାରେ ସାମିଲ ଅଛି । ଏହା ପ୍ରାୟତଃ କୌଣସି ସତର୍କ ସୂଚନା ବିନା ମାଡ଼ିମାଡ଼ି ଚାଲିଥାଏ । ଏହା ଧୀରେଧୀରେ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇବା ସହିତ ହୃଦଘାତ, ଷ୍ଟ୍ରୋକ ଏବଂ ବୃକକ୍ ବିଫଳତାର କାରଣ ହୋଇପାରେ । ଐଓଠ ସଂକ୍ରମଣ ପ୍ରାରମ୍ଭରେ କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଇ ନଥାଏ । ପ୍ରାୟତଃ, ହାଲୁକା ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରିଥାଆନ୍ତି ଏବଂ ଭାବିଥାନ୍ତି ଯେ ଏହା ଏକ ସାଧାରଣ ଭାଇରସ୍ ସଂକ୍ରମଣ। ତଥାପି ଏହି ଭାଇରସ୍ ଧୀରେଧୀରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଇଥାଏ।

*ଟାଇପ୍ ୨ ମଧୁମେହ:*

ଏହି ରୋଗରେ ଶରୀରର ଇନସୁଲିନ୍ ଠିକ୍ ଭାବରେ ପ୍ରତିକ୍ରିୟା କରେ ନାହିଁ କିମ୍ବା ପର୍ଯ୍ୟାପ୍ତ ଇନସୁଲିନ୍ ଉତ୍ପାଦନ କରେ ନାହିଁ । ପ୍ରାରମ୍ଭରେ ଏହା କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଇ ନଥାଏ କିନ୍ତୁ ଧୀରେ ଧୀରେ ଏହା ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଥାଏ ।ସୁସ୍ଥ ଯକୃତ ପାଇଁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ନିୟମିତ ବ୍ୟାୟାମ କରନ୍ତୁ। ଓଜନକୁ ନିୟନ୍ତ୍ରଣ ରଖିବା ସହିତ ନିୟମିତ ଯକୃତ ପରୀକ୍ଷା କରନ୍ତୁ ।

## ସ୍ୱାସ୍ଥ୍ୟ ଉପାଦେୟ ଗେଣ୍ଡା

ଗେଣ୍ଡା ମାଂସ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ 'ଗେଣ୍ଡା' ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବାର ଆମେ ଜାଣୁ। ଆଜି ସେହି ବ୍ୟଞ୍ଜନ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ୍ ସହିତ ଲୌହସାର, ଖାଦ୍ୟସାର(ଭିଟାମିନ୍ ଏ, ଇ, ବି୧୨), ଖଣିଜ ପଦାର୍ଥ(କ୍ୟାଲ୍‌ସିଅମ୍, ପଟାସିଅମ୍, ମ୍ୟାଗ୍ନେସିଅମ୍, ଫସ୍‌ଫରସ୍) ଥାଏ। ମଣିଷ ସ୍ୱାସ୍ଥ୍ୟ ପାଇଁ ଅତୀବ ଆବଶ୍ୟକ ଆମିନୋ ଏସିଡ୍, ଓମେଗା-୩ ଫ୍ୟାଟି ଏସିଡ୍ ରହିଥିବା ଯୋଗୁଁ ହୃଦ୍‌ରୋଗୀଙ୍କ ପାଇଁ ଗେଣ୍ଡା ମାଂସ ଏକପ୍ରକାର ମହୌଷଧି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଗେଣ୍ଡା ମାଂସ ନିୟମିତ ସେବନ କରୁଥିବା ବ୍ୟକ୍ତିଙ୍କୁ ବହୁମୂତ୍ର, କର୍କଟ, ଶ୍ୱାସରୋଗ ହେବାର ଆଶଙ୍କା କମ୍। ଗେଣ୍ଡା ମାଂସରେ କୋଲେଷ୍ଟ୍ରୋଲ୍ ପରିମାଣ ଅତିନଗଣ୍ୟ ଥାଏ। ଆହୁରି ବି ଗେଣ୍ଡାର ଖୋଳପାରେ କ୍ୟାଲ୍‌ସିଅମ୍ କାର୍ବୋନେଟ୍ ସମେତ କାଇଟିନ୍ ରହିଥାଏ, ଯାହା କର୍କଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଗେଣ୍ଡା ଦେହରୁ ନିର୍ଗତ ଲାଳ ସମେତ ବିଭିନ୍ନ ଅବଶେଷ ମଧ ଚର୍ମର ଉଜ୍ଜ୍ୱଳତା, ଚର୍ମରୋଗ ତଥା ଘାଆ ଓ କ୍ଷତ ଉପଶମକାରୀ। ତେଣୁ ଆମ ରାଜ୍ୟରେ ଗେଣ୍ଡା ଚାଷ ପାଇଁ ସୁଚିନ୍ତିତ ଉଦ୍ୟମ ହେବା ଆବଶ୍ୟକ ବୋଲି ମନେହୁଏ।



# ଭାରତୀୟ ସେୟାର ବଜାରର ଦୁର୍ଦ୍ଦଶା

ଭାରତୀୟ ସେୟାର ବଜାରରେ ବର୍ତ୍ତମାନ ଯେଉଁ ଧାରାବାହିକ ପତନ ଦେଖିବାକୁ ମିଳୁଛି, ତାହା କୌଣସି ସାମୟିକ ପ୍ରତିକ୍ରିୟା ନୁହେଁ, ବରଂ ଏହା ଦେଶର ଅର୍ଥବ୍ୟବସ୍ଥାରେ ଥିବା ଗଭୀର ପରିଚାଳନାଗତ ତ୍ରୁଟିର ଏକ ସ୍ପଷ୍ଟ ପ୍ରତିଫଳନ ଅଟେ । ସେନସେକ୍ସ ଏବଂ ନିଫ୍ଟିର କ୍ରମାଗତ ଖସିବା ପ୍ରକ୍ରିୟା ନିବେଶକମାନଙ୍କ ମନରେ ଉଦ୍ବେଗ ସୃଷ୍ଟି କରିବା ସହ ଲକ୍ଷ ଲକ୍ଷ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରଭାବିତ କରିଛି । କେବଳ କିଛି ସପ୍ତାହ ମଧ୍ୟରେ ସେୟାର ବଜାରରୁ ବିପୁଳ ପରିମାଣର ପୁଞ୍ଜି ଉଭେଇ ଯାଇଛି ଏବଂ ସୂଚକାଙ୍କଗୁଡ଼ିକ ନିଜର ଉଚ୍ଚତମ ସ୍ତରରୁ ବହୁ ତଳକୁ ଖସିଆସିଛନ୍ତି । ସରକାରୀ ସ୍ତରରେ ଏହି ପତନ ପାଇଁ କେବଳ ବିଶ୍ୱସ୍ତରୀୟ କାରଣ ଯଥା ମଧ୍ୟପ୍ରାଚ୍ୟରେ ଭୌଗୋଳିକ ରାଜନୈତିକ ଅସ୍ଥିରତା, ଅଶୋଧିତ ତୈଳ ଦର ବୃଦ୍ଧି କିମ୍ବା ଆମେରିକାର ବଣ୍ଡ୍ ୟିଲ୍ଡକୁ ଦାୟୀ କରାଯାଉଛି । କିନ୍ତୁ ବାସ୍ତବରେ ଏହାର ମୁଖ୍ୟ କାରଣ ହେଉଛି ବର୍ତ୍ତମାନର ଦୂରଦୃଷ୍ଟିହୀନ ଅର୍ଥନୈତିକ ନୀତି ଏବଂ ବାସ୍ତବ ଅର୍ଥନୀତିର କୁପରିଚାଳନା। ଦୀର୍ଘ ଦିନ ଧରି ବଜାରରେ ଯେଉଁ ହ୍ରାସ ଦେଖାଦେଇଛି, ତାହା ପ୍ରମାଣ କରୁଛି ଯେ ଦେଶର ଅର୍ଥନୈତିକ ମୂଳଦୁଆ ଦୁର୍ବଳ ହୋଇପଡିଛି । ଯେଉଁ ସାଧାରଣ ଖୁଚୁରା ନିବେଶକମାନେ ଦେଶର ଆର୍ଥିକ ବିକାଶର ପ୍ରଚାରରେ ବିଶ୍ୱାସ କରି ସେୟାର ବଜାରରେ ନିଜର କଷ୍ଟ ଉପାର୍ଜିତ ସଞ୍ଚୟ ଲଗାଇଥିଲେ, ଆଜି ସେମାନେ ନିଜ ପୁଞ୍ଜିର ସୁରକ୍ଷାକୁ ନେଇ ସନ୍ଦେହରେ ପଡିଛନ୍ତି । ଏହା ସ୍ପଷ୍ଟ କରୁଛି ଯେ କେବଳ ଆକର୍ଷଣୀୟ ସ୍ଲୋଗାନ ଏବଂ ପରିସଂଖ୍ୟାନର ଆବରଣ ଦେଇ ବାସ୍ତବ ଅର୍ଥନୀତିର ଦୁର୍ବଳତାକୁ ଅଧିକ ଦିନ ଲୁଚାଇ ରଖାଯାଇପାରିବ ନାହିଁ ।

ଏହି ଲଗାତାର ପତନର ଏକ ପ୍ରମୁଖ କାରଣ ହେଉଛି ବିଦେଶୀ ପ୍ରାତିଷ୍ଠାନିକ ନିବେଶକ ବା ଏଫଆଇଆଇ ମାନଙ୍କର ଭାରତୀୟ ବଜାରରୁ ବ୍ୟାପକ ପୁଞ୍ଜି ପ୍ରତ୍ୟାହାର । ତଥ୍ୟ ଅନୁଯାୟୀ, କେବଳ ଅକ୍ଟୋବର ମାସର ପ୍ରଥମ ସପ୍ତାହ ସୁଦ୍ଧା ବିଦେଶୀ ନିବେଶକମାନେ ୩୬,୦୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ଭାରତୀୟ ବଜାରରୁ କାଢି ନେଇଛନ୍ତି ଏବଂ ଗୋଟିଏ ଗୋଟିଏ ଦିନରେ ୧୨,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସେୟାର ବିକ୍ରି କରୁଛନ୍ତି । ଗୋଟିଏ ପଟେ ଘରୋଇ ପ୍ରାତିଷ୍ଠାନିକ ନିବେଶକ ବା ଡିଆଇଆଇ ମାନେ ସାଧାରଣ ଲୋକଙ୍କ ମ୍ୟୁଚୁଆଲ୍ ଫଣ୍ଡ୍ ମାଧ୍ୟମରେ ବଜାରକୁ ସମ୍ଭାଳିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବିଦେଶୀ ପୁଞ୍ଜିର ଏହି ବିପୁଳ ପ୍ରତ୍ୟାହାର ଆଗରେ ସେମାନଙ୍କର ପ୍ରୟାସ ଯଥେଷ୍ଟ ସାବ୍ୟସ୍ତ ହେଉନାହିଁ । ବିଦେଶୀ ନିବେଶକମାନେ ଭାରତୀୟ ଅର୍ଥନୀତି ଉପରୁ ଆସ୍ଥା ହରାଉଛନ୍ତି କାରଣ ସେମାନେ ଦେଖୁଛନ୍ତି ଯେ ଭାରତୀୟ କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ଯେତିକି ଅଧିକ ରହିଛି, ସେହି ଅନୁପାତରେ କମ୍ପାନୀଗୁଡ଼ିକର ଲାଭ କିମ୍ବା ଆୟ ବୃଦ୍ଧି ପାଉନାହିଁ । ଏହା ସହିତ ସରକାରଙ୍କ ଅସ୍ଥିର ଟିକସ ନୀତି, ସେୟାର ବଜାର ଉପରେ ଅତ୍ୟଧିକ କ୍ୟାପିଟାଲ୍ ଗେନ୍ସ ଟ୍ୟାକ୍ସ ଏବଂ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସର ବୋଝ ବିଦେଶୀ ପୁଞ୍ଜିପତିମାନଙ୍କୁ ନିରୁତ୍ସାହିତ କରୁଛି । ସରକାର ଏକ ଅନୁକୂଳ ବ୍ୟବସାୟିକ ପରିବେଶ ସୃଷ୍ଟି କରିବା ପରିବର୍ତ୍ତେ ଟିକସ ଆଦାୟ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହା ଫଳରେ ବିଦେଶୀ ନିବେଶକମାନେ ଭାରତ ଛାଡି ଅନ୍ୟ ଶସ୍ତା ଏବଂ ସୁରକ୍ଷିତ ବଜାରରେ ନିବେଶ କରିବାକୁ ଶ୍ରେୟସ୍କର ମଣୁଛନ୍ତି । କର୍ପୋରେଟ୍ ଜଗତର ତ୍ରୈମାସିକ ଆୟ ରିପୋର୍ଟଗୁଡ଼ିକ ମଧ୍ୟ ନିରାଶାଜନକ ରହିଛି, ଯାହା ବଜାରର ପତନକୁ ଆହୁରି ତ୍ୱରାନ୍ୱିତ କରିଛି । ଯେତେବେଳେ ଆୟ ବୃଦ୍ଧି ହେଉନାହିଁ, ସେତେବେଳେ ଉଚ୍ଚ ମୂଲ୍ୟାଙ୍କନ ବା ଭାଲ୍ୟୁଏସନ୍ କେବଳ ଏକ ଫୋଟକା ସଦୃଶ ହୋଇଯାଏ, ଯାହା ଏବେ ଫାଟିବାକୁ ଆରମ୍ଭ କରିଛି ।

ଅର୍ଥନୈତିକ କୁପରିଚାଳନାର ଅନ୍ୟ ଏକ ବଡ଼ ଉଦାହରଣ ହେଉଛି ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଦେଖାଦେଇଥିବା ଲିକ୍ୱିଡିଟି ଡେଫିସିଟ୍ । ବର୍ତ୍ତମାନ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ଲିକ୍ୱିଡିଟି ନିଅଣ୍ଟ ରହିଛି, ଯାହାକି ଅର୍ଥବ୍ୟବସ୍ଥା ପାଇଁ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି । ଯେତେବେଳେ ବ୍ୟାଙ୍କଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ପୁଞ୍ଜି ନଥାଏ, ସେତେବେଳେ ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସହଜରେ ଏବଂ କମ୍ ସୁଧରେ ଋଣ ମିଳିପାରେ ନାହିଁ । ଏହାର ସିଧାସଳଖ ପ୍ରଭାବ କମ୍ପାନୀଗୁଡ଼ିକର ସମ୍ପ୍ରସାରଣ ଏବଂ ନୂତନ ପ୍ରକଳ୍ପ ଉପରେ ପଡୁଛି । ଅନ୍ୟପକ୍ଷରେ ସରକାର ନିଜର ପୁଞ୍ଜିଗତ ବ୍ୟୟ ବା କ୍ୟାପେକ୍ସକୁ ମଧ୍ୟ ଆଶାନୁରୂପ ଭାବରେ ବୃଦ୍ଧି କରିବାରେ ବିଫଳ ହୋଇଛନ୍ତି । ଯେତେବେଳେ ଘରୋଇ କ୍ଷେତ୍ର ନିବେଶ କରିବାକୁ ପଛଘୁଞ୍ଚା ଦେଉଛି ଏବଂ ସରକାରୀ ଖର୍ଚ୍ଚ ମଧ୍ୟ ମନ୍ଥର ହୋଇଯାଇଛି, ସେତେବେଳେ ଅର୍ଥନୀତିରେ ଗତିଶୀଳତା ଆସିବ କିପରି । ଋଣ ମହଙ୍ଗା ହେବା ଯୋଗୁଁ କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢୁଛି ଏବଂ ଲାଭାଂଶ ସଙ୍କୁଚିତ ହେଉଛି । ସରକାର ଯଦି ଠିକ୍ ସମୟରେ ଅର୍ଥନୀତିରେ ପୁଞ୍ଜି ପ୍ରବାହକୁ ସୁନିଶ୍ଚିତ କରିଥାନ୍ତେ, ତେବେ ବଜାରରେ ଏଭଳି ନକାରାତ୍ମକ ପ୍ରଭାବ ପଡିନଥାନ୍ତା । କିନ୍ତୁ ନୀତି ନିର୍ଦ୍ଧାରକମାନେ ଏହି ବାସ୍ତବ ସମସ୍ୟାଗୁଡ଼ିକୁ ଅଣଦେଖା କରି କେବଳ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନାମରେ ସୁଧ ହାରକୁ ଉଚ୍ଚ ସ୍ତରରେ ରଖିବାକୁ ବାଧ୍ୟ ହୋଇଛନ୍ତି, ଯାହା ଶିଳ୍ପ ଜଗତର ଅଣ୍ଟା ଭାଙ୍ଗିଦେଉଛି ।

ଟଙ୍କାର ମୂଲ୍ୟ ହ୍ରାସ ଏବଂ ବଢୁଥିବା ବାଣିଜ୍ୟ ନିଅଣ୍ଟ ସରକାରଙ୍କ ଆଉ ଏକ ନୀତିଗତ ବିଫଳତାର ପ୍ରମାଣ ଦେଉଛି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ଭାବରେ ଖସିଚାଲିଛି, ଯାହାକି ଆମ ଅର୍ଥନୀତିର ବାହ୍ୟ ଦୁର୍ବଳତାକୁ ପଦାରେ ପକାଇଦେଇଛି । ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଉପରେ ରହିଥିବା ବେଳେ ଟଙ୍କାର ମୂଲ୍ୟ ହ୍ରାସ ଆମଦାନୀ ଖର୍ଚ୍ଚକୁ ବହୁଗୁଣିତ କରିଦେଇଛି । ସରକାର ବିଗତ ଦଶନ୍ଧି ମଧ୍ୟରେ ବିକଳ୍ପ ଶକ୍ତି ଉତ୍ସର ଆଶାନୁରୂପ ବିକାଶ କିମ୍ବା ରପ୍ତାନି ଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବାରେ ଯେଉଁ ଉଦାସୀନତା ଦେଖାଇଛନ୍ତି, ତାହା ଆଜି ଅର୍ଥନୀତି ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି । ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ପଡୁଛି । ଯେତେବେଳେ ଦେଶର ମୁଦ୍ରା କ୍ରମାଗତ ଭାବରେ ଦୁର୍ବଳ ହୁଏ, ସେତେବେଳେ ବିଦେଶୀ ନିବେଶକମାନେ ନିଜର ପୁଞ୍ଜିର ଡଲାର୍ ମୂଲ୍ୟ କମିଯିବା ଆଶଙ୍କାରେ ତୁରନ୍ତ ସେୟାର ବିକ୍ରି କରିଦିଅନ୍ତି । ଏହା ଏକ ଚକ୍ରବ୍ୟୁହ ଭଳି କାମ କରେ, ଯେଉଁଥିରୁ ମୁକୁଳିବା ପାଇଁ ସରକାରଙ୍କ ପାଖରେ କୌଣସି ଠୋସ୍ ରଣନୀତି ଥିବା ପରି ମନେହେଉନାହିଁ । କେବଳ ରିଜର୍ଭ ବ୍ୟାଙ୍କ ଉପରେ ନିର୍ଭର କରି ଡଲାର ବିକ୍ରି ମାଧ୍ୟମରେ ଟଙ୍କାକୁ ସମ୍ଭାଳିବା ଏକ ଦୀର୍ଘମିଆଦୀ ସମାଧାନ ନୁହେଁ ।

ଏସବୁ ବ୍ୟତୀତ ବାସ୍ତବ ଅର୍ଥନୀତିର ସ୍ଥିତି ଏବଂ ସେୟାର ବଜାର ମଧ୍ୟରେ ଥିବା ବ୍ୟବଧାନ ବର୍ତ୍ତମାନ ସ୍ପଷ୍ଟ ହେବାରେ ଲାଗିଛି । ସେୟାର ବଜାର ଦୀର୍ଘ ସମୟ ଧରି ବାସ୍ତବ ଅର୍ଥନୀତିଠାରୁ ବିଚ୍ଛିନ୍ନ ହୋଇ ଉପରକୁ ଉଠିପାରିବ ନାହିଁ । ବର୍ତ୍ତମାନର ଦେଶରେ ଯେଉଁ ଆର୍ଥିକ ବିକାଶ ଦେଖାଦେଇଛି, ତାହା ଏକ ଅସମାନ ପୁନରୁଦ୍ଧାର ଅଟେ । ଦେଶର କିଛି ହାତଗଣତି ବଡ଼ କର୍ପୋରେଟ୍ ଘରଣା ଲାଭବାନ ହେଉଥିବା ବେଳେ ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତିରେ କୌଣସି ଉନ୍ନତି ଆସିନାହିଁ । ବେକାରୀ ସମସ୍ୟା ଏବଂ ନିଯୁକ୍ତି ସୁଯୋଗର ଅଭାବ ଯୋଗୁଁ ଲୋକଙ୍କ କ୍ରୟ କ୍ଷମତା କମିଯାଇଛି । ଦେଶର ନିଯୁକ୍ତି କ୍ଷେତ୍ରର ମେରୁଦଣ୍ଡ କୁହାଯାଉଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗଗୁଡ଼ିକ (ଏମଏସଏମଇ) ସରକାରଙ୍କ ଜଟିଳ ନିୟମାବଳୀ ଏବଂ ଆର୍ଥିକ ଅସହଯୋଗ ଯୋଗୁଁ ସଂଘର୍ଷ କରୁଛନ୍ତି । ଯେତେବେଳେ ଦେଶର ଅଧିକାଂଶ ଲୋକଙ୍କ ପାଖରେ ଖର୍ଚ୍ଚ କରିବାକୁ ପର୍ଯ୍ୟାପ୍ତ ଅର୍ଥ ନାହିଁ, ସେତେବେଳେ ବଜାରରେ ସାମଗ୍ରୀର ଚାହିଦା ବଢ଼ିବ କିପରି । ଆଜି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅଟୋମୋବାଇଲ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବିକ୍ରି ପ୍ରଭାବିତ ହେଉଛି । ଚାହିଦା ନଥିଲେ କମ୍ପାନୀଗୁଡ଼ିକର ଆୟ ବଢ଼ିବ ନାହିଁ ଏବଂ ଆୟ ନବଢ଼ିଲେ ସେମାନଙ୍କର ସେୟାର ମୂଲ୍ୟ ବଜାରରେ ଉଚ୍ଚ ସ୍ତରରେ ତିଷ୍ଠି ରହିପାରିବ ନାହିଁ । ସରକାର ଏହି ବାସ୍ତବତାକୁ ଗ୍ରହଣ ନକରି କେବଳ ସବୁକିଛି ଠିକ୍ ଥିବାର ଚିତ୍ର ଉପସ୍ଥାପନ କରିବା ଅର୍ଥନୀତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେଉଛି ।

ଅର୍ଥନୀତିର ପରିଚାଳନା କେବଳ କିଛି ଆକର୍ଷଣୀୟ ପରିସଂଖ୍ୟାନର ଖେଳ ଏବଂ ଗଣମାଧ୍ୟମରେ ପ୍ରଚାର ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ଦେଶର ଆର୍ଥିକ ନୀତି ନିର୍ଦ୍ଧାରଣରେ ବାସ୍ତବିକତା ଏବଂ ଦୂରଦୃଷ୍ଟିର ଯେଉଁ ଅଭାବ ଦେଖାଦେଇଛି, ତାହା ବର୍ତ୍ତମାନ ସେୟାର ବଜାରର ପତନ ମାଧ୍ୟମରେ ସାମ୍ନାକୁ ଆସୁଛି । ସରକାରଙ୍କ ଦ୍ୱାରା ଘୋଷଣା କରାଯାଉଥିବା ବିଭିନ୍ନ ଯୋଜନାଗୁଡ଼ିକ କେବଳ କାଗଜପତ୍ରରେ ସୀମିତ ନରହି ବାସ୍ତବ କ୍ଷେତ୍ରରେ ରୂପାୟନ ହେବା ଆବଶ୍ୟକ । ଉତ୍ପାଦନ ବୃଦ୍ଧି ପାଇଁ ଅଣାଯାଇଥିବା ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନାଗୁଡ଼ିକ ଆଶାନୁରୂପ ନିଯୁକ୍ତି ସୃଷ୍ଟି କରିବାରେ ସଫଳ ହୋଇପାରିନାହାଁନ୍ତି । ଏବେ ଯେତେବେଳେ ବିଶ୍ୱ ଅର୍ଥନୀତିରେ ଚାପ ସୃଷ୍ଟି ହେଉଛି, ସେତେବେଳେ ଆମର ଦୁର୍ବଳ ଆଭ୍ୟନ୍ତରୀଣ ସ୍ଥିତି ଯୋଗୁଁ ବଜାର ଅଧିକ ମାତ୍ରାରେ ପ୍ରଭାବିତ ହେଉଛି । ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ସେୟାରରେ ସବୁଠାରୁ ଅଧିକ ହ୍ରାସ ଦେଖିବାକୁ ମିଳୁଛି, କାରଣ ଅର୍ଥନୀତିର ମନ୍ଥରତା ଯୋଗୁଁ ଆଗାମୀ ଦିନରେ ବ୍ୟାଙ୍କଗୁଡ଼ିକର ଋଣ ଆଦାୟ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧି ପାଇଛି ।

ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ଭାରତୀୟ ସେୟାର ବଜାରର ଏହି ପତନ ସରକାରଙ୍କ ପାଇଁ ଏକ ସ୍ପଷ୍ଟ ଚେତାବନୀ ଅଟେ । ବିଶ୍ୱ ବଜାରରେ ସାମାନ୍ୟ ଅସ୍ଥିରତା ଦେଖାଦେଲେ ଭାରତୀୟ ବଜାର ଯେପରି ଭୁଶୁଡ଼ି ପଡୁଛି, ତାହା ପ୍ରମାଣ କରୁଛି ଯେ ଆମର ଆର୍ଥିକ ମୂଳଦୁଆକୁ ଯେତେ ମଜବୁତ ବୋଲି ଦାବି କରାଯାଉଛି, ବାସ୍ତବରେ ତାହା ସେତେ ମଜବୁତ ନୁହେଁ । ଯଦି ସରକାର ଏହି ପରିସ୍ଥିତିକୁ ଏକ ଗଠନମୂଳକ ସମାଲୋଚନା ଭାବରେ ଗ୍ରହଣ ନକରନ୍ତି ଏବଂ ବାସ୍ତବ ଅର୍ଥନୈତିକ ସଂସ୍କାର ଦିଗରେ ପଦକ୍ଷେପ ନନିଅନ୍ତି, ତେବେ ଆଗାମୀ ଦିନରେ ଅର୍ଥବ୍ୟବସ୍ଥା ଆହୁରି ଜଟିଳ ସଙ୍କଟର ସମ୍ମୁଖୀନ ହେବ । ନିଯୁକ୍ତି ସୃଷ୍ଟି, ମୁଦ୍ରାସ୍ଫୀତି ନିୟନ୍ତ୍ରଣ, କ୍ଷୁଦ୍ର ଶିଳ୍ପର ବିକାଶ ଏବଂ ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧି କରିବା ପାଇଁ ସଠିକ୍ ଆର୍ଥିକ ନୀତି ପ୍ରଣୟନ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ।

# ମାନବିକତାର ମହାନାୟକ ଗୋପବନ୍ଧୁ



## ଡକ୍ଟର ନିହାର ରଞ୍ଜନ ସାବତ

କେତେକ ମଣିଷ ନିଜ ଜୀବନକୁ ଅତିକ୍ରମ କରି ଇତିହାସରେ ଅମର ହୋଇଯାଆନ୍ତି । ସେମାନେ କେବଳ ନିଜ ସମୟ ପାଇଁ ନୁହେଁ, ପରବର୍ତ୍ତୀ ପିଢ଼ିମାନଙ୍କ ପାଇଁ ମଧ୍ୟ ଆଦର୍ଶ ହୋଇ ରହନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେହିଭଳି ଜଣେ ମହାନ ବ୍ୟକ୍ତିତ୍ୱ । ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା ନିଜ ଜ୍ଞାନ ଓ ଶକ୍ତିକୁ ମଣିଷ ଓ ସମାଜର କାମରେ ଲଗାଇବା ।

ଅଠରଶହ ସତସ୍ତରୀ ମସିହା ଅକ୍ଟୋବର ମାସ ନଅ ତାରିଖରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଗୋପବନ୍ଧୁ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଶୈଶବ ସୁଖମୟ ନଥିଲା । ଛୋଟବେଳେ ସେ ମାଆଙ୍କୁ ହରାଇଥିଲେ । ପରେ ପିତାଙ୍କୁ ମଧ୍ୟ ହରାଇଥିଲେ । ଏହି ଦୁଃଖ ତାଙ୍କ ମନକୁ ଭାଙ୍ଗି ଦେଇ ନଥିଲା । ବରଂ ଅନ୍ୟମାନଙ୍କ ଦୁଃଖ ବୁଝିବାର ଶକ୍ତି ଦେଇଥିଲା । ରୂପଦେଇପୁରରୁ ତାଙ୍କ ପାଠପଢ଼ା ଆରମ୍ଭ ହୋଇ ପୁରୀ ଜିଲ୍ଲା ସ୍କୁଲ ଓ ପରେ ରେଭେନ୍ସା କଲେଜରେ ଆଗକୁ ବଢ଼ିଥିଲା । ଛାତ୍ରଜୀବନରୁ ହିଁ ସେ ସମାଜର ସମସ୍ୟା ପ୍ରତି ସଚେତନ ଥିଲେ । ରୋଗ, ଦାରିଦ୍ର୍ୟ ଓ ଲୋକଙ୍କ ଦୁଃଖ ତାଙ୍କୁ ଚିନ୍ତିତ କରୁଥିଲା । ରେଭେନ୍ସା କଲେଜରେ ପଢ଼ିବା ସମୟରେ ତାଙ୍କ ଚିନ୍ତାଧାରା ଆହୁରି ବିସ୍ତୃତ ହେଲା । ସାହିତ୍ୟ, ସମାଜ, ରାଜନୀତି ଓ ଦେଶର ପରିସ୍ଥିତି ପ୍ରତି ତାଙ୍କ ଆଗ୍ରହ ବଢ଼ିଲା ।

ପରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଗ୍ରହଣ କଲେ । ସେଠାରେ ସେ ଭାରତର ଜାତୀୟ ଆନ୍ଦୋଳନ ଓ ସ୍ୱଦେଶୀ ଚେତନା ସହିତ ଅଧିକ ନିକଟତର ହେଲେ । ସ୍ୱରାଜର ଚିନ୍ତା ତାଙ୍କୁ ପ୍ରଭାବିତ କଲା । ଆଇନଜୀବୀ ଭାବରେ ସେ ଏକ ସ୍ୱଚ୍ଛନ୍ଦ ଜୀବନ ବିତାଇ ପାରିଥାନ୍ତେ । କିନ୍ତୁ ସେ ନିଜ ସୁଖ ସୁବିଧାକୁ ଭୁଲି ଲୋକଙ୍କ ପାଇଁ କାମ କରିବାରେ ଲାଗିଲେ । ସେ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଭିନ୍ନ ଭିନ୍ନ ପ୍ରଶାସନିକ ଅଞ୍ଚଳରେ ବିଭକ୍ତ ଥିଲା । ଏହା ଫଳରେ ଓଡ଼ିଆ ଭାଷା, ଶିକ୍ଷା ଓ ଲୋକଙ୍କ ସ୍ୱାର୍ଥ ଅନେକ କ୍ଷେତ୍ରରେ ଅବହେଳିତ ହେଉଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତା ପାଇଁ ସେ ଉତ୍କଳ ସମ୍ମିଳନୀ ଆନ୍ଦୋଳନ ସହିତ ସାମିଲ ହୋଇଥିଲେ ।

ଗୋପବନ୍ଧୁ ଓଡ଼ିଶାକୁ ଭଲ ପାଉଥିଲେ, କିନ୍ତୁ ତାଙ୍କ ଓଡ଼ିଆ ପ୍ରେମ କେବେ ପ୍ରାଦେଶିକ ସଂକୀର୍ଣ୍ଣତାରେ ଆବଦ୍ଧ ନଥିଲା । ସେ ଚାହୁଁଥିଲେ ଓଡ଼ିଶା ପ୍ରଦେଶ ନିଜ ଭାଷାଗତ ତଥା ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବଜାଇ ରଖିବା ସହିତ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହୁ । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଗୋପବନ୍ଧୁ ସେହି ଦିନ ଦେଖିପାରିନଥିଲେ, କିନ୍ତୁ ଏହି ଐତିହାସିକ ସଫଳତା ପଛର ସଂଗ୍ରାମରେ ତାଙ୍କ ଭୂମିକା ଅମର ହୋଇ ରହିଛି । ୧୯୧୭ ମସିହାରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନ ପରିଷଦର ସଦସ୍ୟ ଭାବେ ସେ ବନ୍ୟା, ଦୁର୍ଭିକ୍ଷ, ଶିକ୍ଷାର ଅଭାବ, ଗରିବ ଲୋକଙ୍କ ଦୁଃଖ, ଲୁଣ ଆଇନ ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପ୍ରତି ଅବହେଳା ଭଳି ପ୍ରସଙ୍ଗ ତତ୍କାଳୀନ ଇଂରେଜ ସରକାରଙ୍କ ଆଗରେ ଦୃଢ଼ ପ୍ରସ୍ତୁତି ସହ ଆକର୍ଷଣୀୟ ଶୈଳୀରେ ଉପସ୍ଥାପନ କରୁଥିଲେ । ତାଙ୍କ ପାଇଁ ରାଜନୀତିର ଉଦ୍ଦେଶ୍ୟ ପଦ କିମ୍ବା କ୍ଷମତା ବଦଳରେ ଲୋକଙ୍କ ସମସ୍ୟାକୁ ଶାସନ ପାଖରେ ପହଞ୍ଚାଇବା ଥିଲା ।

ସେ ଏପରି ଶିକ୍ଷା ବ୍ୟବସ୍ଥା ଚାହୁଁଥିଲେ ଯେଉଁଠି ଜ୍ଞାନ ସହିତ ଚରିତ୍ର, ଶୃଙ୍ଖଳା ଓ ସେବାର ଭାବ ରହିବ । ୧୯୦୯ ମସିହାରେ ସାକ୍ଷୀଗୋପାଳ ନିକଟରେ ସତ୍ୟବାଦୀ ବନ ବିଦ୍ୟାଳୟ ସ୍ଥାପନ କରି ସେ ଏହି ଭାବନାକୁ କାର୍ଯ୍ୟରେ ପରିଣତ କରି ମୁକ୍ତ ପ୍ରାକୃତିକ ପରିବେଶରେ ପାଠପଢ଼ା ସହିତ ଶାରୀରିକ ଶ୍ରମ, ଚରିତ୍ର ଗଠନ, ସେବା, ସମାନତା ଓ ଦେଶପ୍ରେମ ଇତ୍ୟାଦି ଶିକ୍ଷା ଦେଉଥିଲେ । ସ୍ମାର୍ଟ ଶ୍ରେଣୀକକ୍ଷ, ଡିଜିଟାଲ ଉପକରଣ, ଇଣ୍ଟରନେଟ ଓ କୃତ୍ରିମ ବୁଦ୍ଧିମତ୍ତା ଆଜି ଶିକ୍ଷା ବ୍ୟବସ୍ଥାରେ ବହୁତ ବିକାଶ ଆଣିଛି । କିନ୍ତୁ ଏସବୁ ସହିତ ଯଦି ଚରିତ୍ର, ବିବେକ ଓ ମାନବିକତା ବିକଶିତ ନହୁଏ, ତେବେ ଶିକ୍ଷା ଅଧୁରା ରହିଯାଏ । ଏହି କାରଣରୁ ସତ୍ୟବାଦୀର ଶିକ୍ଷାଦର୍ଶନ ଆଜି ମଧ୍ୟ ପ୍ରାସଙ୍ଗିକ ।

ଶିକ୍ଷାକ୍ଷେତ୍ର ସହିତ ଗୋପବନ୍ଧୁ ସାମ୍ବାଦିକତାକୁ ମଧ୍ୟ ଜନସେବାର ଏକ ମାଧ୍ୟମ କରିଥିଲେ । 'ସତ୍ୟବାଦୀ' ପତ୍ରିକା ଓ 'ସମାଜ' ସମ୍ବାଦପତ୍ର ମାଧ୍ୟମରେ ସେ ସାଧାରଣ ଲୋକଙ୍କ ଦୁଃଖ, ଗ୍ରାମୀଣ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ବନ୍ୟା ଓ ସାମାଜିକ ଅନ୍ୟାୟ ଭଳି ବିଷୟ ଉପରେ ଲେଖୁଥିଲେ । ଆଜି ସୂଚନା ବହୁଳତାର ଯୁଗ । ଏପରି ସମୟରେ ଗୋପବନ୍ଧୁଙ୍କ ସାମ୍ବାଦିକ ଆଦର୍ଶ ଆମକୁ ଶିଖାଏ ଯେ ସୂଚନା ଦେବା ପୂର୍ବରୁ ପ୍ରକୃତ ସତ୍ୟକୁ ପରୀକ୍ଷା କରିବା ଏବଂ ଲୋକଙ୍କ ସ୍ୱାର୍ଥକୁ ଆଗରେ ରଖିବା ଆବଶ୍ୟକ ।

ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଭାବେ ସେ ଓଡ଼ିଶାକୁ ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ଆହୁରି ଦୃଢ଼ ଭାବେ ସଂଯୁକ୍ତ କରିଥିଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏହା ଫଳରେ ଅସହଯୋଗ ଆନ୍ଦୋଳନ ଓ ସ୍ୱରାଜର ଚେତନା ଓଡ଼ିଶାର ଗାଁଗାଁରେ ପହଞ୍ଚିଥିଲା ।



ଗୋପବନ୍ଧୁଙ୍କ ଦେଶପ୍ରେମର ସବୁଠାରୁ ବଡ଼ ପରିଚୟ ଥିଲା ତାଙ୍କ ମାନବିକତା । ବନ୍ୟା, ବାତ୍ୟା, ଦୁର୍ଭିକ୍ଷ କିମ୍ବା ମହାମାରୀ ଆସିଲେ ସେ ଦୁର୍ଗତ ଲୋକଙ୍କ ପାଖରେ ପହଞ୍ଚୁଥିଲେ । ନିଜ ପୁଅ ଅସୁସ୍ଥ ଥିବା ସମୟରେ ମଧ୍ୟ ବନ୍ୟାପୀଡ଼ିତଙ୍କ ସେବା ପାଇଁ ବାହାରିଯିବା ତାଙ୍କ ତ୍ୟାଗର ଏକ ଉଦାହରଣ । ଲାଲା ଲଜପତ ରାୟଙ୍କ ସହ ମିଶି 'ଲୋକ ସେବକ ମଣ୍ଡଳ' ମାଧ୍ୟମରେ ସେବାକୁ ସେ ଏକ ନିୟମିତ ଜୀବନଧାରାର ରୂପ ଦେଇଥିଲେ ।

ଗୋପବନ୍ଧୁଙ୍କ ଜୀବନ ଥିଲା ଅତ୍ୟନ୍ତ ସରଳ । ତାଙ୍କ ବ୍ୟକ୍ତିଗତ ଆବଶ୍ୟକତା କମ୍ ଥିଲା, କିନ୍ତୁ ସମାଜ ପାଇଁ ତାଙ୍କ ଦାୟିତ୍ୱବୋଧ ବହୁତ ବଡ଼ ଥିଲା । ସେ ଦେଖାଇଥିଲେ ଯେ ଜୀବନର ମହତ୍ତ୍ୱ କେବଳ ଆମେ କେତେ ପାଇଲୁ ସେଥିରେ ନୁହେଁ; ଆମେ ଅନ୍ୟମାନଙ୍କ ପାଇଁ କ'ଣ କଲୁ, ସେଥିରେ ମଧ୍ୟ ରହିଛି । ୧୯୨୮ ମସିହାରେ ଗୋପବନ୍ଧୁଙ୍କ ଦେହାବସାନ ହେଲା । ତାଙ୍କ ଜୀବନକାଳ ସୁଦୀର୍ଘ ନଥିଲା, କିନ୍ତୁ ତାଙ୍କ କାର୍ଯ୍ୟର ପ୍ରଭାବ ଦୀର୍ଘକାଳ ପର୍ଯ୍ୟନ୍ତ ରହିଲା । ଓଡ଼ିଆ ଭାଷା ଓ ଅସ୍ମିତା, ଶିକ୍ଷା, ସାମ୍ବାଦିକତା, ଜାତୀୟ ଆନ୍ଦୋଳନ ଓ ଜନସେବା ପରି ସବୁ କ୍ଷେତ୍ରରେ ତାଙ୍କ ଅବଦାନ ଆଜି ମଧ୍ୟ ସ୍ମରଣୀୟ ।

ତେଣୁ ଗୋପବନ୍ଧୁଙ୍କ ଜନ୍ମତିଥି କେବଳ ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବାର ଦିନ ନୁହେଁ । ଆଜି ଆମର ଶିକ୍ଷା ବ୍ୟବସ୍ଥା, ରାଜନୀତି, ସାମ୍ବାଦିକତା ତଥା ବିକାଶ କ'ଣ ସମାଜର ଶେଷ ଧାଡ଼ିରେ ଥିବା ମଣିଷର ହିତ ସାଧନ କରିବାରେ କେତେଦୂର ସମର୍ଥ ? ତାହା ଅନୁଶୀଳନ କରିବାର ଦିନ । ଆଜିର ପୃଥିବୀରେ ଅନେକ ପ୍ରଗତି ସତ୍ତ୍ୱେ ଦାରିଦ୍ର୍ୟ, ଅସମାନତା, ପରିବେଶ ପ୍ରଦୂଷଣ, ମିଥ୍ୟା ସୂଚନା ଓ ସାମାଜିକ ବିଦ୍ୱେଷ ପରି ସମସ୍ୟାମାନ ରହିଛି । ସେଗୁଡ଼ିକର ସମାଧାନ ନିମନ୍ତେ ଆଜି ମଧ୍ୟ ଗୋପବନ୍ଧୁଙ୍କ ମୂଲ୍ୟବୋଧ ପ୍ରାସଙ୍ଗିକ । ବିଶେଷକରି ଯୁବପିଢ଼ିଙ୍କ ନିମନ୍ତେ ଗୋପବନ୍ଧୁଙ୍କ ଜୀବନ ଏକ ମାପଦଣ୍ଡ ସୃଷ୍ଟି କରେ ଯେ ଆମେ କେତେ ଜଣଙ୍କ ଜୀବନରେ ସୁଧାର ଆଣି ପାରିଲୁ ? କେବଳ ଗୋପବନ୍ଧୁଙ୍କ ସ୍ମୃତିଚାରଣ ନୁହେଁ, ବରଂ ତାଙ୍କ ମୂଲ୍ୟବୋଧକୁ ଜୀବନରେ ରୂପଦେବା ହେଉ ତାଙ୍କ ଶୁଭ ଜନ୍ମଦିନରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ।

+ସଂଗଣକ ବିଜ୍ଞାନ
ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ଏବଂ
ପ୍ରବନ୍ଧନ ଶିକ୍ଷା
ମହାବିଦ୍ୟାଳୟ (ସାଇମ୍)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦
ମୋ: ୯୭୭୭୦୧୧୯୬୮

# ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ଆଜି ବି ପଥପ୍ରଦର୍ଶକ



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଆ ଜାତିର ଇତିହାସରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏମିତି ଜଣେ ମହାନ ବ୍ୟକ୍ତିତ୍ୱ, ଯାହାଙ୍କ ଜୀବନର ପ୍ରତ୍ୟେକ ଅଧ୍ୟାୟରେ ମାନବସେବା, ତ୍ୟାଗ, ଦେଶପ୍ରେମ, ଶିକ୍ଷା, ସାମାଜିକ ଦାୟିତ୍ୱ ଓ ଓଡ଼ିଆ ଅସ୍ମିତାର ଉଜ୍ଜ୍ୱଳ ଛବି ଦେଖିବାକୁ ମିଳେ । ତାଙ୍କ ଜୟନ୍ତୀକୁ 'ସେବା ଦିବସ' ଭାବେ ପାଳନ କରିବା କେବଳ ଜଣେ ମହାପୁରୁଷଙ୍କୁ ସ୍ମରଣ କରିବାର ଔପଚାରିକତା ନୁହେଁ; ବରଂ ତାଙ୍କ ଜୀବନଦର୍ଶନକୁ ଆମ ସାମାଜିକ ଜୀବନରେ ପ୍ରୟୋଗ କରିବାର ଏକ ଅବସର । ଗୋପବନ୍ଧୁଙ୍କ ପାଇଁ ଦେଶ ଓ ଦେଶବାସୀଙ୍କ ସେବା ହିଁ ଜୀବନର ପରମ ଲକ୍ଷ୍ୟ ଥିଲା । ସେ ନିଜ ସୁଖ, ସ୍ୱାର୍ଥ ଓ ସୁବିଧାକୁ ପଛରେ ରଖି ଅସହାୟ, ଦୁଃଖୀ ଓ ବିପନ୍ନ ଲୋକଙ୍କ ପାଖରେ ଠିଆ ହୋଇଥିଲେ । ଗୋପବନ୍ଧୁ ଦାସଙ୍କ ଜନ୍ମ ୯ ଅକ୍ଟୋବର ୧୮୭୭ରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ହୋଇଥିଲା । ଶୈଶବରୁ ମାତୃଭୂମି, ମାତୃଭାଷା ଓ ମାନବତା ପ୍ରତି ତାଙ୍କର ଗଭୀର ଆକର୍ଷଣ ଥିଲା । ଉଚ୍ଚଶିକ୍ଷା ଗ୍ରହଣ କରିବା ସହିତ ସେ ସମାଜର ସମସ୍ୟାକୁ ନିକଟରୁ ଅନୁଭବ କରିଥିଲେ । ତାଙ୍କ ଜୀବନରେ ବ୍ୟକ୍ତିଗତ ଦୁଃଖର ଅଭାବ ନଥିଲା । ଅତ୍ୟନ୍ତ କମ୍ ବୟସରେ ମାତାପିତା ଓ ପରିବାରର ଅନେକ ସଦସ୍ୟଙ୍କୁ ହରାଇଥିଲେ । କିନ୍ତୁ ବ୍ୟକ୍ତିଗତ ବେଦନା ତାଙ୍କୁ ଦୁର୍ବଳ କରିନଥିଲା; ବରଂ ସେହି ବେଦନା ତାଙ୍କୁ ଅନ୍ୟର ଦୁଃଖ ବୁଝିବାର ଶକ୍ତି ଦେଇଥିଲା । ଗୋପବନ୍ଧୁଙ୍କ ଜୀବନର ସବୁଠାରୁ ବଡ଼ ପରିଚୟ ଥିଲା—ସେ ଲୋକଙ୍କ ମଧ୍ୟରେ ରହି ଲୋକଙ୍କ ପାଇଁ ବଞ୍ଚିଥିଲେ । ଶିକ୍ଷାକୁ ସେ କେବଳ ଚାକିରି ପାଇବାର ମାଧ୍ୟମ ଭାବେ ଦେଖୁନଥିଲେ । ଶିକ୍ଷା ମାଧ୍ୟମରେ ଚରିତ୍ର ଗଠନ, ଦେଶପ୍ରେମ, ସେବାଭାବ ଓ ଦାୟିତ୍ୱବୋଧ ସୃଷ୍ଟି ହେବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ । ଏହି ଚିନ୍ତାଧାରାର ଫଳ ହେଉଛି ସତ୍ୟବାଦୀର ବନ ବିଦ୍ୟାଳୟ । ୧୯୦୯ରେ ସତ୍ୟବାଦୀଠାରେ ସେ ଯେଉଁ ଶିକ୍ଷା ପ୍ରୟାସ ଆରମ୍ଭ କରିଥିଲେ, ତାହା ଓଡ଼ିଶାର ଶିକ୍ଷା ଇତିହାସରେ ଏକ ନୂଆ ଅଧ୍ୟାୟ ରଚନା କରିଥିଲା । ମୁକ୍ତ ପରିବେଶରେ ପ୍ରକୃତିର ସାନ୍ନିଧ୍ୟରେ ଶିକ୍ଷା, ଚରିତ୍ର ଗଠନ, ଶ୍ରମର ମର୍ଯ୍ୟାଦା ଓ ଦେଶସେବାର ମନୋଭାବ—ଏହି ଥିଲା ସତ୍ୟବାଦୀ ଶିକ୍ଷାର ମୂଳ ଆଧାର । ଗୋପବନ୍ଧୁଙ୍କ ସହ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ପରି ସହଯୋଗୀମାନେ ଏହି ଆଦର୍ଶକୁ ଆଗକୁ ନେଇଥିଲେ । ତେଣୁ ସତ୍ୟବାଦୀ କେବଳ ଏକ ବିଦ୍ୟାଳୟ ନୁହେଁ, ଏହା ଥିଲା ଏକ ଚିନ୍ତାଧାରା, ଏକ ଜାତୀୟ ଜାଗରଣର କେନ୍ଦ୍ର । ଗୋପବନ୍ଧୁଙ୍କ ଜୀବନରେ ସାମ୍ବାଦିକତା ମଧ୍ୟ ଏକ ମହାନ ସେବାର ମାଧ୍ୟମ ଥିଲା । ୧୯୧୯ରେ ପ୍ରକାଶିତ 'ସମାଜ' ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ଓଡ଼ିଶାର ଜନଜୀବନର ଏକ ପ୍ରମୁଖ କଣ୍ଠସ୍ୱରରେ ପରିଣତ ହୋଇଥିଲା । ସାମ୍ବାଦିକତା ତାଙ୍କ ପାଇଁ ବ୍ୟବସାୟ ନଥିଲା; ଏହା ଥିଲା ଜନସେବାର ଏକ ଶକ୍ତିଶାଳୀ ଅସ୍ତ୍ର । ଗରିବଙ୍କ ସମସ୍ୟା, ଚାଷୀଙ୍କ ଦୁଃଖ, ବନ୍ୟା ଓ ଦୁର୍ଭିକ୍ଷର ଯନ୍ତ୍ରଣା, ସାମାଜିକ ଅନ୍ୟାୟ ଓ ପ୍ରଶାସନିକ ଅବହେଳାକୁ ସେ ନିର୍ଭୀକ ଭାବେ ଲୋକଙ୍କ ସମ୍ମୁଖକୁ ଆଣୁଥିଲେ । ତାଙ୍କ କଲମରେ ଥିଲା ସତ୍ୟ ପ୍ରତି ଅଙ୍ଗୀକାର ଓ ଦୁର୍ବଳଙ୍କ ପ୍ରତି ସମ୍ବେଦନଶୀଳତା । ଆଜି ସାମ୍ବାଦିକତା



ଯେତେବେଳେ ବିଭିନ୍ନ ଚାପ ଓ ପ୍ରତିସ୍ପର୍ଦ୍ଧାର ସମ୍ମୁଖୀନ, ସେତେବେଳେ ଗୋପବନ୍ଧୁଙ୍କ ସାମ୍ବାଦିକ ଆଦର୍ଶ ଅଧିକ ପ୍ରାସଙ୍ଗିକ । ତାଙ୍କ ସେବାଭାବର ସବୁଠାରୁ ଉଜ୍ଜ୍ୱଳ ଉଦାହରଣ ହେଉଛି ବିପର୍ଯ୍ୟୟ ସମୟରେ ଲୋକଙ୍କ ପାଖରେ ଠିଆ ହେବା । ବନ୍ୟା, ଦୁର୍ଭିକ୍ଷ ଓ ମହାମାରୀରେ ପୀଡ଼ିତ ଲୋକଙ୍କ ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ୧୯୨୦ରେ ମହାବନ୍ୟା ସମୟରେ ତାଙ୍କ ରିଲିଫ କାର୍ଯ୍ୟ ମାନବସେବାର ଅମର ଉଦାହରଣ ହୋଇରହିଛି । ନିଜ ଜୀବନକୁ ବିପଦରେ ପକାଇ ଲୋକଙ୍କ ପାଖକୁ ପହଞ୍ଚିବା, ଖାଦ୍ୟ ଓ ସହାୟତା ପହଞ୍ଚାଇବା ଏବଂ ବିପନ୍ନଙ୍କ ଦୁଃଖକୁ ନିଜ ଦୁଃଖ ଭାବେ ଗ୍ରହଣ କରିବା—ଏହି ଥିଲା ତାଙ୍କ ସେବାର ପରିଭାଷା । ଏହି କାରଣରୁ ଗୋପବନ୍ଧୁଙ୍କୁ କେବଳ ଜଣେ ରାଜନେତା, ଶିକ୍ଷାବିତ୍ କିମ୍ବା ସାମ୍ବାଦିକ ଭାବେ ସୀମିତ କରିହେବ ନାହିଁ । ସେ ଥିଲେ ଜଣେ ସମ୍ପୂର୍ଣ୍ଣ ମାନବସେବୀ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ତାଙ୍କ ଅବଦାନ ଅସାଧାରଣ । ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସେ ସକ୍ରିୟ ଭାବେ ଯୋଗଦେଇଥିଲେ । ଓଡ଼ିଶାରେ ଜାତୀୟ ଚେତନା ଓ ସ୍ୱାଧୀନତାର ଆକାଂକ୍ଷାକୁ ଜନମନରେ ପହଞ୍ଚାଇବାରେ ସେ ନିରନ୍ତର ପ୍ରୟାସ କରିଥିଲେ । ଓଡ଼ିଆ ଭାଷା ଓ ଓଡ଼ିଆ ଭୂଖଣ୍ଡର ଏକତା ପାଇଁ ତାଙ୍କ ଅବଦାନ ମଧ୍ୟ ଅତୁଳନୀୟ । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ଗଠନର ସ୍ୱପ୍ନକୁ ସେ ନିଜ ଜୀବନର ଏକ ପ୍ରମୁଖ ଲକ୍ଷ୍ୟ କରିଥିଲେ । ତାଙ୍କ ଦେଶପ୍ରେମ କେବଳ ଭାଷଣରେ ନଥିଲା; ଏହା ଥିଲା ଜୀବନଚର୍ଯ୍ୟାର ଅଂଶ । ତାଙ୍କ ରଚନା 'ବନ୍ଦୀର ଆତ୍ମକଥା', 'ଧର୍ମପଦ' ଓ ଅନ୍ୟାନ୍ୟ ସାହିତ୍ୟକୃତି ତାଙ୍କ ସମ୍ବେଦନଶୀଳ ମନ, ଦେଶପ୍ରେମ ଓ ମାନବିକ ଚେତନାର ପରିଚୟ ଦିଏ । ତାଙ୍କ ପ୍ରସିଦ୍ଧ ପଙ୍କ୍ତି—"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାନ୍ତୁ ପିଠିରେ"—ତାଙ୍କ ଆତ୍ମସମର୍ପିତ ଜୀବନଦର୍ଶନର ଅମର ପ୍ରତୀକ । ୧୭ ଜୁନ ୧୯୨୮ରେ ତାଙ୍କର ଦେହାବସାନ ହୋଇଥିଲେ ମଧ୍ୟ ତାଙ୍କ ଆଦର୍ଶ ଆଜି ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଚେତନାକୁ ପ୍ରେରଣା ଦେଇଆସୁଛି । ଆଜି ତାଙ୍କ ଜୟନ୍ତୀକୁ ସେବା ଦିବସ ଭାବେ ପାଳନ କରିବାର ଅର୍ଥ ହେଉଛି ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ନୁହେଁ, ତାଙ୍କ ଆଦର୍ଶକୁ ଜୀବନରେ ଗ୍ରହଣ କରିବା । ଜଣେ ଭୋକିଲାଙ୍କୁ ଖାଦ୍ୟ ଦେବା, ଅସହାୟଙ୍କୁ ସହାୟତା କରିବା, ଜଣେ ଶିଶୁଙ୍କ ଶିକ୍ଷାରେ ସହଯୋଗ କରିବା, ବିପର୍ଯ୍ୟୟ ସମୟରେ ଆଗେଇ ଆସିବା, ପରିବେଶ ସୁରକ୍ଷା କରିବା, ରକ୍ତଦାନ କରିବା ଓ ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ସ୍ୱର ଉଠାଇବା—ଏସବୁ ହେଉଛି ଗୋପବନ୍ଧୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ବିଶେଷକରି ଯୁବପିଢ଼ି ତାଙ୍କ ଜୀବନରୁ ଶିଖିବା ଆବଶ୍ୟକ ଯେ ସଫଳତାର ଅର୍ଥ କେବଳ ବ୍ୟକ୍ତିଗତ ଉନ୍ନତି ନୁହେଁ; ସମାଜ ପାଇଁ କିଛି କରିବାରେ ହିଁ ଜୀବନର ପ୍ରକୃତ ସାର୍ଥକତା । ଆଜି ଓଡ଼ିଶା ଦ୍ରୁତ ବିକାଶର ପଥରେ ଆଗକୁ ବଢ଼ୁଥିବା ବେଳେ ଗୋପବନ୍ଧୁଙ୍କ ଚିନ୍ତାଧାରାକୁ ବିକାଶର ମାନବିକ ମାପଦଣ୍ଡ ସହ ଯୋଡ଼ିବା ଆବଶ୍ୟକ । ବିକାଶର ଲାଭ ଶେଷ ଲୋକଟି ପର୍ଯ୍ୟନ୍ତ ପହଞ୍ଚିଲେ ହିଁ ତାହା ସାର୍ଥକ ହେବ । ସେବା ଦିବସ ଆମକୁ ଏହି ସଂକଳ୍ପ ନେବାକୁ ପ୍ରେରଣା ଦେଉ—ଆମେ ନିଜ ଅଧିକାର ସହ ନିଜ କର୍ତ୍ତବ୍ୟକୁ ମଧ୍ୟ ସମାନ ଗୁରୁତ୍ୱ ଦେବା, ସମାଜର ଦୁର୍ବଳଙ୍କ ପାଖରେ ଠିଆ ହେବା ଏବଂ ଓଡ଼ିଶାର ମାଟି, ଭାଷା ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା । ଗୋପବନ୍ଧୁଙ୍କ ଜୀବନ ଆମକୁ ଶିଖାଏ ଯେ ମଣିଷର ଆୟୁଷ୍ୟ ଛୋଟ ହୋଇପାରେ, କିନ୍ତୁ ତାଙ୍କ ସେବାର ପ୍ରଭାବ ଅମର ହୋଇପାରେ । ତେଣୁ ଉତ୍କଳମଣିଙ୍କ ଜୟନ୍ତୀ କେବଳ ସ୍ମୃତିର ଦିବସ ନୁହେଁ, ଏହା ଆତ୍ମପରୀକ୍ଷାର ଦିବସ; କେବଳ ଶ୍ରଦ୍ଧାଞ୍ଜଳିର ଦିବସ ନୁହେଁ, ଏହା ସେବାର ସଂକଳ୍ପର ଦିବସ । ଗୋପବନ୍ଧୁଙ୍କ ଆଦର୍ଶକୁ ହୃଦୟରେ ଧାରଣ କରି ଯଦି ପ୍ରତ୍ୟେକ ଓଡ଼ିଆ ନିଜ ସାମର୍ଥ୍ୟ ଅନୁଯାୟୀ ସମାଜ ପାଇଁ କିଛି କରିବାର ସଂକଳ୍ପ ନିଏ, ତେବେ ସେହି ହେବ ଉତ୍କଳମଣିଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

+ମୋ: ୯୪୩୭୯୯୪୩୭୯






## ଏମିତି ସଂପର୍କ

### ଦୀପକ କୁମାର ନାୟକ

ବସିଥିବାବେଳେ ହଠାତ୍
ଦିନେ ମୁଁ
ସମୟକୁ ପଚାରିଲି
କାହିଁକି ମୋସାଥେ
ଏପରି ହେଉଛି
କହିବୁ କି ମୋତେ ଖୋଲି ।।
ହୃଦୟରୁ କାହିଁ ପ୍ରେମ କରୁ ବୋଲି
ହସି ହସି କହିଦେଲା
ଆଜିର ସଂପର୍କ ହୃଦୟର ନୁହଁ
ବୋଲି ମୋତେ ବୁଝାଇଲା ।।
ଭୂଲ୍‌ଟା ତୋହର ନୁହଁରେ ଦୀପକ
ସବୁଭୂଲ୍ ସଂପର୍କର
ଯେଉଁ ସଂପର୍କରେ ନଥାଏ ବିଶ୍ୱାସ
ଥାଏ ଖାଲି ଛଳନାର ।।
ଏତିକି ତୋହର ଭୂଲ୍ ମୁଁ କହିବି
ହୃଦୟରୁ ଭଲପାଉ
ସେଥିପାଇଁ ବୋଧେ ବାରମ୍ବାର ତୁହି
ଛଳନା ଶିକାର ହେଉ ।।
ସବୁ ସଂପର୍କକୁ ହୃଦୟରୁ କେବେ
ନିଭାଯାଏ ନାହିଁ ବୋଲି
କେତେ ଥର ଆଉ ବୁଝେଇବି ତୋତେ
କହିବୁ କି ମୋତେ ଖୋଲି ।।
ତୁ ସବୁ ସଂପର୍କ ହୃଦୟରୁ ସିନା
ନିଭେଇଛୁ ସବୁବେଳେ
ହେଲେ ସ୍ୱାର୍ଥ ରଖି ତୋହରି ସାଥିରେ
ଖେଳିଥାନ୍ତି ଲୋକମାନେ ?
ଖେଳିଥାନ୍ତି ଲୋକମାନେ ?

+ଯୁବ ସାମ୍ବାଦିକ
ଗଣ୍ଡାନାଳୀ, ହିନ୍ଦୋଳ ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ଶିକ୍ଷାର ଫଳ

### ମୋହନ କୁମାର ସ୍ୱାଇଁ



ଶହେ ଛାତ୍ର ପାଇଁ ଜଣିଏ ଶିକ୍ଷକ
ସେ ପୁଣି ବସିଛି ରାଜରାସ୍ତାରେ
ଅଧିକାର ପାଇଁ ଦାବି କରୁଛି ସେ
ପେଟ ପାଇଁ କେତେ ଗୁହାରୀ କରେ ।

ତ୍ରୁଟିପୂର୍ଣ୍ଣ ବହି ଘରେ ପଢ଼ିପଢି
ପିଲାଏ ଗାଆନ୍ତି ନିମ୍ଭୁଡ଼ା ଗୀତ
ବିନା ଶିକ୍ଷକରେ ଯାହା ପଢିଥିବେ
ଭବିଷ୍ୟତେ ହେବ ପ୍ରତି ଫଳିତ ।

ପରୀକ୍ଷା ହେବାର ମାସକ ଆଗରୁ
ଯଦି ମିଳିଯାଏ ନୂତନ ବହି
ଉନ୍ନତ ହେବକି ଦେଶ ଭବିଷ୍ୟତ
ବର୍ଷକର ବୋଝ ମାସକେ ବୋହି ।

ଗୁଣାତ୍ମକ ଶିକ୍ଷା ଖୋଜିଲେ କୋଉଠି
ମିଳିବ କିମିତି ରାଇଜେ ଆମ
ରଗ୍ଣ ପରିବେଶ ସୁସ୍ଥ ସମାଜକୁ
ଯୋଗାଏ ଯେଉଁଠି ଦୂର୍ବଳ କାମ ।

ବିଦ୍ୟାଳୟ ଏବେ ପାଲଟି ଯାଇଛି
ଆଇ ମାଆଙ୍କର ରୋଷେଇ ଶାଳ
ପରିବା କଟାରେ, ବେଶର ବଟାରେ
ଫଳିବକି ଭଲ ଶିକ୍ଷାର ଫଳ ।

+ବେଣା ପୁରା କଣ୍ଟି ଗଡ଼ିଆ ଯାଜପୁର
ମୋ: ୮୧୧୮୯୯୦୩୮



ସିନେମା ଓ ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

୫ | ଶୁକ୍ରବାର, ୦୯ ଅକ୍ଟୋବର ୨୦୨୬

# ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ଦେହାନ୍ତ:୭୫ ବର୍ଷ ବୟସରେ ମୃତ୍ୟୁ




ବରିଷ୍ଠ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ୭୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି। ନାନା ପାଟେକର ଗୋଆର ଡୋନା ପାଉଲାସ୍ଥିତ ତାଙ୍କ ଘରେ ଅଚେତ ଅବସ୍ଥାରେ ମିଳିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନାନା ପାଟେକର ୧୯୫୧ ମସିହା ଜାନୁଆରି ତାରିଖରେ ମହାରାଷ୍ଟ୍ରର ମୁରୁଦ୍-ଜଞ୍ଜିରାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ବିଶ୍ୱନାଥ ପାଟେକର ଥିଲା। ସେ ହିନ୍ଦୀ ଏବଂ ମରାଠୀ ସିନେମାରେ ତାଙ୍କର ଶକ୍ତିଶାଳୀ ଅଭିନୟ ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଥିଲେ।

ନାନା ପାଟେକରଙ୍କ ମୃତ୍ୟୁ ପ୍ରଶଂସକ ଏବଂ ବଲିଉଡ୍ ଶିଳ୍ପକୁ ଶୋକରେ ପକାଇଛି। ପ୍ରାୟ ପାଞ୍ଚ ଦଶନ୍ଧି ଧରି ତାଙ୍କ କ୍ୟାରିଅରରେ ସେ ଅନେକ ସ୍ମରଣୀୟ ଭୂମିକାରେ ଅଭିନୟ କରିଥିଲେ ଏବଂ ତାଙ୍କର ସଂଳାପ ପରିବେଷଣ ଏବଂ ସ୍ୱତନ୍ତ୍ର ଅଭିନୟ ଶୈଳୀରେ ଦର୍ଶକଙ୍କ ହୃଦୟ ଜିତିଥିଲେ।

ନାନା ପାଟେକର ୧୯୭୮ ମସିହାରେ 'ଗମନ' ଚଳଚ୍ଚିତ୍ର ସହିତ ହିନ୍ଦୀ ସିନେମାରେ ପ୍ରବେଶ କରିଥିଲେ। ପରବର୍ତ୍ତୀ ସମୟରେ ସେ ସଲାମ ବମ୍ବେ!, ପରିନ୍ଦା!, କ୍ରାନ୍ତିବୀର!, ଅଗ୍ନିସାକ୍ଷୀ, ଖାମୋଶୀ: ଦି ମ୍ୟୁଜିକାଲ୍, ଅବ ତକ୍ ଛପ୍ପନ, ୱେଲକମ୍, ଏବଂ ରାଜନୀତି ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତାଙ୍କର ବଳିଷ୍ଠ ଅଭିନୟ ଦର୍ଶକ ଏବଂ ସମାଲୋଚକ ଉଭୟଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। କ୍ରାନ୍ତିବୀର ପାଇଁ ପାଟେକରଙ୍କୁ ସର୍ବୋତ୍ତମ ଅଭିନେତା ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ପରିନ୍ଦା ଏବଂ ଅଗ୍ନିସାକ୍ଷୀ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଦିଆଯାଇଥିଲା। ୨୦୧୩ ମସିହାରେ ଭାରତୀୟ ସିନେମାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ନାନା ପାଟେକର କେବଳ ଜଣେ ଅଭିନେତା ନଥିଲେ ବରଂ ଜଣେ ନିର୍ଦ୍ଦେଶକ ଏବଂ ଲେଖକ ଭାବରେ ମଧ୍ୟ କାମ କରିଥିଲେ। ସେ ୧୯୯୧ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ପ୍ରହାର: ଦି ଫାଇନାଲ୍ ଆଟାକ୍' ନିର୍ଦ୍ଦେଶନା ଦେଇଥିଲେ। ଚଳଚ୍ଚିତ୍ର ବ୍ୟତୀତ ସେ ଦୀର୍ଘ ସମୟ ଧରି ରଙ୍ଗମଞ୍ଚ ସହିତ ମଧ୍ୟ ଜଡିତ ଥିଲେ।

## ସିନେମାଘରେ ଚହଳ ପକାଇଥିଲା ନାନାଙ୍କ ଏସବୁ ସଂଳାପ

ହିନ୍ଦୀ ସିନେମାର ଦମଦାର ଅଭିନେତା ନାନା ପାଟେକରଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଦେଇଛି। ୭୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ନାନାଙ୍କ ମୃତ୍ୟୁ ହୋଇଥିବା ନେଇ ପ୍ରାଥମିକ ରିପୋର୍ଟରୁ ସୂଚନା ମିଳିଛି। ନିଜର ଦମଦାର ଅଭିନୟ ଶୈଳୀ ଓ ସଂଳାପ ପରିବେଷଣ ପାଇଁ ଜଣାଶୁଣା ନାନା ପାଟେକର ୧୯୭୮ ମସିହାରେ 'ଗମନ' ଚଳଚ୍ଚିତ୍ରରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୪ ଦଶନ୍ଧିରୁ ଅଧିକ ସମୟର ଏହି ଦୀର୍ଘ ଯାତ୍ରାରେ ସେ ଫିଲ୍ମଫେୟାର୍ ପୁରସ୍କାର ଇତିହାସରେ ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ସହ-ଅଭିନେତା ଏବଂ ଶ୍ରେଷ୍ଠ ଖଳନାୟକ, ଏହି ତିନୋଟିଯାକ ବର୍ଗରେ ପୁରସ୍କାର ଜିତିବାରେ ଏକମାତ୍ର ଭାରତୀୟ ଅଭିନେତା ଭାବେ ରେକର୍ଡ ସୃଷ୍ଟି କରିଛନ୍ତି।

ନାନା ପାଟେକରଙ୍କ ୧୦ଟି ଦମଦାର ସଂଳାପ ବିଷୟରେ ଜାଣିବା, ଯାହା ସିନେମା ଜଗତରେ ସବୁଦିନ ପାଇଁ ଅମର ହୋଇ ରହିବ।

- "ଆ ଗୟେ ମେରି ମୌତ୍ କା ତମାଶା ଦେଖନେ..." - 'କ୍ରାନ୍ତିବୀର'
- "ଏ ମୁସଲମାନ୍ କା ଖୁନ୍ ୟେ ହିନ୍ଦୁ କା ଖୁନ୍... ବାସ୍ ଇସମେଁ ମୁସଲମାନ୍‌କା କୌନ ସା, ହିନ୍ଦୁକା କୌନ ସା..." - 'କ୍ରାନ୍ତିବୀର'
- "ଏକ ମଚ୍ଛର ଆଦମୀ କୋ ହିଜଡ଼ା ବନା ଦେତା ହୈ..." –'ଯଶୱନ୍ତ'
- "ଶୋ ମେଁ ସେ ଅଶୀ ବେଇମାନ୍, ଫିର ଭି ମେରା ଭାରତ ମହାନ୍..." - 'ଯଶୱନ୍ତ'
- "ମରାଠା ମରତା ହେ ୟା ମରାତା ହେ ?..." – 'ତିରଙ୍ଗା'
- "ହମ ସବ୍ ଏକ ମିଟ୍ଟି କେ ବନେ ହେ ?..."- ' କ୍ରାନ୍ତିବୀର'
- "ଧନ୍ଦା ମେଁ କୌଇ କିସି କା ଭାଇ ନହିଁ, କୌଇ କିସି କା ବେଟା ନହିଁ...'' –'ପରିନ୍ଦା'
-''ହମ ସବ ସିଷ୍ଟମ କା ହିସା ହୈ, ସିଷ୍ଟମ ଡିସାଇଡ କରତା ହୈ, ଅପୁନ ଫଲୋ କରତା ହୈ...'' 'ଅବ ତକ ଛପ୍ପନ'
-"ଏକ ସୈନିକ କେ ଲିଏ ଉସକା ଦେଶ ହି ଉସକା ପରିବାର ହୋତା ହୈ..."- 'ପ୍ରହାର'
- "ସାଲା ୟେ ଦୁଃଖ, କାହେ ଖତମ ନହିଁ ହେତା ବେ..." - 'ୱେଲକମ୍'

ନାନା ପାଟେକରଙ୍କ ଅଭିନୟ ଜୀବନର ସବୁଠାରୁ ଅଧିକ ଲୋକପ୍ରିୟ ଡାଏଲଗ୍ ମଧ୍ୟରେ ୧୯୯୪ର ଫିଲ୍ମ 'କ୍ରାନ୍ତିବୀର'ର "ଆ ଗୟେ ମେରି ମୌତ୍ କା ତମାଶା ଦେଖନେ..." ଡାଏଲଗ୍ ଅନ୍ୟତମ। ଆଜି ବି ଏହି ଡାଏଲଗ୍ ଦର୍ଶକଙ୍କ ମନରେ ଏକ ଅନନ୍ୟ ଛାପ ହୋଇ ରହିଯାଇଛି।

ନାନା ପାଟେକରଙ୍କ ଡାଏଲଗ୍ କହିବାର ଶୈଳୀ ଅତ୍ୟନ୍ତ ଭିନ୍ନ ଓ ଅନନ୍ୟ ଥିଲା। ଫିଲ୍ମରେ ସେ ଏପରି ଭାବରେ ସଂଳାପ କହୁଥିଲେ, ଯେପରି ସେ ବାସ୍ତବ ଜୀବନରେ କାହା ସହ କଥା ହେଉଛନ୍ତି।

## ଦିନେ ପରଦାରେ ଗର୍ଜୁଥିଲା ନାନାଙ୍କ ସ୍ୱର, 'ଆ ଗୟେ ମେରୀ ମୌତ କା ତମାଶା ଦେଖନେ'ରୁ 'ୱେଲକମ୍'




ଭାରତୀୟ ସିନେମାରେ କିଛି କଳାକାର ଏମିତି ଥାଆନ୍ତି, ଯେଉଁମାନଙ୍କ ପରିଚୟ କେବଳ ନାମରେ ନୁହେଁ, ସେମାନଙ୍କ ସ୍ୱର, ଅଭିନୟ ଓ ସଂଳାପରେ ବଞ୍ଚିରହେ। ନାନା ପାଟେକର ସେହି ତାଲିକାର ଜଣେ ବରିଷ୍ଠ ଅଭିନେତା। ତାଙ୍କ ବିୟୋଗର ଖବର ପରେ ଆଜି ପୁଣି ଥରେ ଦର୍ଶକଙ୍କ ମନରେ ଭାସିଉଠିଛି ତାଙ୍କର ଅନେକ ଚରିତ୍ର ଓ ସେହି ଅମର ସଂଳାପ। ୧୯୯୪ରେ ଆସିଥିବା 'କ୍ରାନ୍ତିବୀର' ନାନାଙ୍କ ଅଭିନୟ ଜୀବନର ଏକ ବିଶେଷ ଅଧ୍ୟାୟ। ଫିଲ୍ମରେ ପ୍ରତାପ ନାରାୟଣ ତିଲକ ଭୂମିକାରେ ତାଙ୍କ ତୀବ୍ର ଅଭିନୟ ଦର୍ଶକଙ୍କୁ ଆନ୍ଦୋଳିତ କରିଥିଲା। ଫିଲ୍ମର କ୍ଲାଇମାକ୍ସରେ ତାଙ୍କ ମୁହଁରୁ ବାହାରିଥିବା "ଆ ଗୟେ ମେରୀ ମୌତ କା ତମାଶା ଦେଖନେ" ସଂଳାପ ଆଜି ବି ହିନ୍ଦୀ ସିନେମାର ସ୍ମରଣୀୟ ଡାଏଲଗ୍ ଭାବେ ଚର୍ଚ୍ଚିତ।

ଏହି ସଂଳାପର ବିଶେଷତା କେବଳ ଏହାର ଶବ୍ଦରେ ନଥିଲା। ନାନାଙ୍କ ସ୍ୱରର ରାଗ, ମୁହଁର ଭାବଭଙ୍ଗୀ ଓ କଥା କହିବାର ଢଙ୍ଗ ଏହାକୁ ଏକ ଭାବପ୍ରବଣ ଦୃଶ୍ୟରେ ପରିଣତ କରିଥିଲା। 'କ୍ରାନ୍ତିବୀର'ରେ ସାମାଜିକ ଅନ୍ୟାୟ, ଦୁର୍ନୀତି ଓ ସାମ୍ପ୍ରଦାୟିକ ବିଭାଜନ ଭଳି ପ୍ରସଙ୍ଗ ମଧ୍ୟ ଉଠିଥିଲା। ତେବେ ନାନାଙ୍କ ଅଭିନୟର ରଙ୍ଗ କେବଳ ଗମ୍ଭୀର ଓ ତୀବ୍ର ଚରିତ୍ରରେ ସୀମିତ ନଥିଲା।

'ୱେଲକମ୍' ସେଠି ଏହାର ଏକ ଭିନ୍ନ ଉଦାହରଣ। ଗମ୍ଭୀର ଭୂମିକାରେ ଦର୍ଶକଙ୍କୁ ନିରବ କରିଦେଉଥିବା ନାନା, ଏହି ଫିଲ୍ମରେ ନିଜର କମେଡି ଟାଇମିଂ ଓ ସଂଳାପରେ ଦର୍ଶକଙ୍କୁ ହସାଇଥିଲେ। 'ଯଶୱନ୍ତ'ରେ ତାଙ୍କ ପୁଲିସ୍ ଚରିତ୍ର ମଧ୍ୟ ନାନାଙ୍କ ଅଭିନୟର ଅନ୍ୟ ଏକ ଶକ୍ତିଶାଳୀ ଦିଗ ଦେଖାଇଥିଲା। "ଏକ ମଚ୍ଛର" ଭଳି ସଂଳାପ ତାଙ୍କ ସ୍ୱତନ୍ତ୍ର ଡାଏଲଗ୍ ପାଇଁ ଦର୍ଶକଙ୍କ ମନରେ ରହିଯାଇଛି। ସେହିପରି 'ପରିନ୍ଦା'ରେ ଆନ୍ନା ଚରିତ୍ରରେ ତାଙ୍କ ଅଭିନୟ ତାଙ୍କୁ ଅପରାଧଭିତ୍ତିକ ସିନେମାର ଏକ ସ୍ମରଣୀୟ ଚରିତ୍ର ଦେଇଥିଲା। ନାନା ପାଟେକରଙ୍କ ଅଭିନୟର ସବୁଠୁ ବଡ଼ ଶକ୍ତି ଥିଲା। ସେ ସଂଳାପକୁ କେବଳ କହୁନଥିଲେ, ତାହାକୁ ନିଜ ଚରିତ୍ରର ଭାବନାରେ ପରିଣତ କରିଦେଉଥିଲେ। ତାଙ୍କ ସ୍ୱରର ଉତ୍ଥାନ-ପତନ, ବିରତି ଓ ଆଖିର ଭାବ ଅନେକ ସମୟରେ ଶବ୍ଦଠାରୁ ଅଧିକ କଥା କହୁଥିଲା। ଏହି କାରଣରୁ ତାଙ୍କ ଅନେକ ଡାଏଲଗ୍ ଫିଲ୍ମ ସରିବା ପରେ ମଧ୍ୟ ଦର୍ଶକଙ୍କ ମନରେ ରହିଯାଇଛି।

ଆଜି ନାନା ପାଟେକରଙ୍କୁ ମନେ ପକାଇଲେ ହୁଏତ ଅନେକ ଦର୍ଶକଙ୍କ କାନରେ ପୁଣି ଗୁଞ୍ଜିଉଠିବ "ଆ ଗୟେ ମେରୀ ମୌତ କା ତମାଶା ଦେଖନେ"। ଏହା କେବଳ ଏକ ଫିଲ୍ମର ସଂଳାପ ନୁହେଁ, ଏହା ନାନାଙ୍କ ଅଭିନୟର ସେହି ତୀବ୍ରତାର ଏକ ସ୍ମୃତି, ଯାହା ଦଶନ୍ଧି ପରେ ମଧ୍ୟ ସିନେପ୍ରେମୀଙ୍କ ମନରେ ଜୀବନ୍ତ ରହିଛି।

## ଅକୁହା କାହାଣୀ.... ୩୫ଟଙ୍କାରୁ ଆରମ୍ଭ ହୋଇଥିଲା ଯାତ୍ରା




ବିଶ୍ୱନାଥ ପାଟେକର ଅର୍ଥାତ୍ ଅଭିନେତା ନାନା ପାଟେକରଙ୍କ ୭୫ ବର୍ଷ ବୟସରେ ହଠାତ୍ ଦେହାନ୍ତ ହୋଇଛି। ଅକ୍ଟୋବର ୮ ତାରିଖ ଭୋର ସମୟରେ ହୃଦଘାତ ଯୋଗୁଁ ନାନାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସିନେମା ଜଗତର ଜଣେ ଶ୍ରେଷ୍ଠ ଅଭିନେତା ତଥା ଜଣେ ଭଲ ମଣିଷ ଭାବେ ନାନା ସର୍ବଦା ଅମର ରହିବେ।

ନାନା ପାଟେକର ରୂପେଲି ପରଦାରେ ରାଜ୍ କରିବା ପୂର୍ବରୁ ଅତି କମ୍ ବୟସରୁ ହିଁ ସେ ଜୀବନର କଠିନ ବାସ୍ତବତା ସହ ପରିଚିତ ହୋଇ ଯାଇଥିଲେ। ୧୯୫୧ ଜାନୁଆରି ୧ ତାରିଖରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲା ଅନ୍ତର୍ଗତ ମୁରୁଡ-ଜଞ୍ଜିରାର ଏକ ମଧ୍ୟବିତ୍ତ ମରାଠୀ ପରିବାରରେ ନାନା ପାଟେକରଙ୍କ ଜନ୍ମ ହୋଇଥିଲା।

୨୦୨୪ରେ ଦେଇଥିବା ଏକସାକ୍ଷାତକାରରେ ନାନା ସେହି ଦିନଗୁଡ଼ିକୁ ମନେ ପକାଇ କହିଥିଲେ ଯେ, ମାତ୍ର ୧୩ ବର୍ଷ ବୟସରୁ ସେ କାମ କରିବା ଆରମ୍ଭ କରିଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନଥିଲା। ମାଆଙ୍କ କଷ୍ଟ ଦେଖି ସେ ଆଉ ଘରେ ରହିପାରି ନଥିଲେ। ତେଣୁ ପରିବାରକୁ ସହଯୋଗ କରିବା ପାଇଁ ମାତ୍ର ୧୩ ବର୍ଷ ବୟସରେ ସେ କାମ ଖୋଜିବା ଆରମ୍ଭ କରିଥିଲେ। ଘରଠାରୁ ୮ କିଲୋମିଟର ଦୂରରେ ତାଙ୍କୁ ମିଳିଥିଲା କାମ। କର୍ମସ୍ଥଳୀକୁ ଯିବା-ଆସିବା ପାଇଁ ତାଙ୍କୁ ପ୍ରତିଦିନ ପ୍ରାୟ ୧୬ କିଲୋମିଟର ପାଦରେ ଚାଲିବାକୁ ପଡ଼ିଥାଏ। ଏହି କାମ ପାଇଁ ତାଙ୍କୁ ମାସରୁ ମାତ୍ର ୩୫ ଟଙ୍କା ମିଳୁଥିଲା। ସେତେବେଳେ ସେ ସିନେମାର ପୋଷ୍ଟରକୁ ରଙ୍ଗ କରିବାର କାମ କରୁଥିଲେ। ନାନା ପାଟେକରଙ୍କ ଆରମ୍ଭ ଦିନଗୁଡ଼ିକ ଅତ୍ୟନ୍ତ କଷ୍ଟକର ଥିଲା। ତେବେ ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୮୦ କୋଟି ଟଙ୍କାରୁ ଅଧିକ ବୋଲି ଦାବି କରାଯାଇଛି। ଅର୍ଥାତ୍, ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଥିଲା ପ୍ରେରଣାଦାୟକ।

# କଳା ସାହିତ୍ୟ ସଂସ୍କୃତି ଓ ସମାଜସେବା ହିଁ ମୋ ଜୀବନ : ଦେବେନ୍ଦ୍ର ନାୟକ

ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିକୁ ଓ ସମାଜ ସେବାକୁ ଭଲ ପାଉଥିବା ଜଣେ ପ୍ରିୟ ମଣିଷ ହେଉଛନ୍ତି ଦେବେନ୍ଦ୍ର ନାୟକ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର କାଳିଦାସପୁର ଗ୍ରାମରେ ଶ୍ରୀ ନାୟକ ୧୯୯୩ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତାଙ୍କ ନାମ ଉମାକାନ୍ତ ନାୟକ ଓ ମାତାଙ୍କ ନାମ ସଞ୍ଜୁକ୍ତା ନାୟକ। ଶ୍ରୀ ନାୟକ କେ କେ ଜି ପି ହାଇସ୍କୁଲ ଚାନ୍ଦିମାଳରେ ପାଠ ପଢୁଥିଲେ। ସେ ସର୍ବଦା କଳା ସାହିତ୍ୟ ସଂସ୍କୃତିକୁ ଭଲ ପାଇବା ସହିତ ସମାଜ ସେବା କରିଥାନ୍ତି। ସମସ୍ତଙ୍କୁ ଭଲ ମଣିଷ ହେବା ପାଇଁ ଶ୍ରୀ ନାୟକ ପରାମର୍ଶ ଦେଇଥାନ୍ତି। ରାଜନୀତି ମାଧ୍ୟମରେ ବିଭିନ୍ନ ପ୍ରକାରର ସମାଜ ସେବା କରିହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ମିଛ ସବାରୀରେ ସତ କୋକେଇ ଓ ରୁଷନା ମୋ ସାନ ଭଉଣୀ ନାଟକରେ ଶ୍ରୀ ନାୟକ ଖୁବ୍ ସଫଳତାର ସହିତ ଅଭିନୟ କରିଛନ୍ତି। ଶ୍ରୀ ନାୟକ ଜଣେ ଭଲ କ୍ରିକେଟ୍ ଖେଳାଳି। ଖେଳକୁ ସେ ଭଲ ପାଆନ୍ତି। ଆଧାତ୍ମିକ ଚିନ୍ତାଧାରା ଓ ଭଜନ ସମାରୋହର ମଧୁର ପରିବେଶ ଶ୍ରୀ ନାୟକଙ୍କୁ ଖୁବ୍ ଭଲ ଲାଗେ। ଯୁବ ପୀଢ଼ି ମାନଙ୍କୁ ଶ୍ରୀ ନାୟକ ବାର୍ତ୍ତା ଦେଇ କୁହନ୍ତି ଆଜିର ଯୁବ ପିଢ଼ି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ୍। ଜଣେ ସାଧାରଣ ପରିବାରରେ ଶ୍ରୀ ନାୟକ ଜନ୍ମ ଗ୍ରହଣ କରି ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ସହି ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ନିଜ ଜନ୍ମ ମାଟିରେ ଖୁବ୍ ସୁନ୍ଦର ଘରଟିଏ ପ୍ରତିଷ୍ଠା କରି ପାରିଛନ୍ତି। ଶ୍ରୀ ନାୟକଙ୍କ ପ୍ରେରଣା ହେଉଛନ୍ତି ତାଙ୍କର ପିତା ଓ ମାତା। ବର୍ତ୍ତମାନ ସମାଜ ସେବା ମାଧ୍ୟମରେ ଅନେକ ଦୁଃଖୀ ଗରିବ ଲୋକଙ୍କ କଥା ଶ୍ରୀ ନାୟକ ଠିକ୍ ଭାବରେ ବୁଝି



ପାରୁଛନ୍ତି। ଓଡ଼ିଶା ସରକାର ଓ ଭାରତ ସରକାର ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଭିନ୍ନ ସମସ୍ୟା ପ୍ରତି ବର୍ତ୍ତମାନ ଅଧିକ ଦୃଷ୍ଟି ଦେଉଛନ୍ତି। ଅନେକ ଯୁବକ ଓ ଯୁବତୀ ମାନଙ୍କୁ ନିଯୁକ୍ତି ଦେବା ପାଇଁ ଶ୍ରୀ ନାୟକ ଉଦ୍ୟମ ଜାରି ରଖିଛନ୍ତି। ଭଜନ ସମ୍ରାଟ୍ ଭିକାରୀ ବଳ ଗାଇଥିବା ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଜଣାଣ ଶ୍ରୀ ନାୟକ ଙ୍କୁ ଖୁବ୍ ଭଲ ଲାଗେ। ଶ୍ରୀ ନାୟକଙ୍କର ସମସ୍ତ ଆଶା ଓ ସ୍ୱପ୍ନ ପୂରଣ ହେଉ। ଈଶ୍ୱରଙ୍କ କୃପାରୁ ଶ୍ରୀ ଦେବେନ୍ଦ୍ର ନାୟକଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଉଚ୍ଚତା ପାଇଁ ମିଳୁନଥିଲା କାମ: 'କେବିସି-୧୮'ରେ ସଂଘର୍ଷ କାହାଣୀ ଶୁଣାଇଲେ ଅମିତାଭ ବଚ୍ଚନ

ମହାନାୟକ ଅମିତାଭ ବଚ୍ଚନ ଆଜି ଭାରତୀୟ ସିନେମା ଜଗତର ଜଣେ ସଫଳତମ ଅଭିନେତା। କିନ୍ତୁ କ୍ୟାରିୟରର ପ୍ରାରମ୍ଭିକ ଦିନରେ ତାଙ୍କର ଉଚ୍ଚତା ଏବଂ ଚେହେରା ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥିଲା। ନିକଟରେ 'କୌନ୍ ବନେଗା କରୋଡ୍‌ପତି-୧୮'ର ଏକ ଅଧ୍ୟାୟରେ ବିଗ୍-ବି ନିଜ ସଂଘର୍ଷ ଦିନର ଏକ ରୋଚକ କାହାଣୀ ଶେୟାର କରିଛନ୍ତି। ରିଆଲିଟି ଶୋ' କେବିସି-୧୮ର ଏକ ଏପିସୋଡ୍‌ରେ ବିନମ୍ର ନାମକ



ଜଣେ ପ୍ରତିଯୋଗୀ ଅମିତାଭଙ୍କ ଆଇକନିକ୍ ହେୟାରଷ୍ଟାଇଲ୍ ଏବଂ ଲମ୍ବା ବାଳ ବିଷୟରେ ଚର୍ଚ୍ଚା କରିଥିଲେ। ଏହାର ଉତ୍ତର ଦେଇ ଅମିତାଭ କହିଥିଲେ ଯେ, ତାଙ୍କର ଏହି ହେୟାରଷ୍ଟାଇଲ୍ କୌଣସି ଫ୍ୟାଶନ୍ ନଥିଲା, ବରଂ ଏହା ପଛରେ ଏକ ବିଶେଷ କାରଣ ଥିଲା। ନିଜର ପ୍ରାରମ୍ଭିକ ଦିନକୁ ମନେ ପକାଇ ଅମିତାଭ କହିଛନ୍ତି, 'ଯେତେବେଳେ ମୁଁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିଲି, ପ୍ରଯୋଜକମାନେ ମୋତେ ଦୁଇଟି କଥା କହୁଥିଲେ। ପ୍ରଥମଟି ହେଲା, ମୋର ଉଚ୍ଚତା ଅତ୍ୟଧିକ ଲମ୍ବା ହୋଇଥିବାରୁ କୌଣସି ହିରୋଇନ୍ (ନାୟିକା) ମୋ ସହ କାମ କରିବାକୁ ରାଜି ହେବେ ନାହିଁ।

# ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ଅଧିକାର ଓ ସାଇବର ଅପରାଧ ନେଇ ଆଇନ ସଚେତନତା

ଝାରସୁଗୁଡ଼ା,୦୮/୧୦ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ା ପକ୍ଷରୁ ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ଅଧିକାର ଓ ସାଇବର ଆଇନ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ତାଳପଟିଆସ୍ଥିତ ସାଲେଗ୍ରାମ ସକୁନିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଲୋକମୟୀ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର କୁମାର ଡୁଙ୍ଗୁରୀ, ଜିଲ୍ଲା ପୁଲିସର ଏଲୟୁସିଏଡବ୍ଲୁ ଉପଆରକ୍ଷୀ ଅଧୀକ୍ଷକ ମଣ୍ଡ ହାଁସଦା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କୁମାର ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ସୁରକ୍ଷା ଓ ଅଧିକାର, ପ୍ରଚଳିତ ଦଣ୍ଡବିଧିର ବିଭିନ୍ନ ବ୍ୟବସ୍ଥା, ଓଡ଼ିଶା ପୀଡ଼ିତ କ୍ଷତିପୂରଣ ଯୋଜନା ଓ ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏସିଡ୍ ଆକ୍ରମଣ ଏକ ଗୁରୁତର ଅପରାଧ ହୋଇଥିବାରୁ ଏହାର ଶିକାର ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା, ଆଇନଗତ ସହାୟତା, କ୍ଷତିପୂରଣ ଓ ପୁନର୍ବାସ ସୁବିଧା ପାଇବାର ଅଧିକାର ରହିଥିବା ବକ୍ତାମାନେ କହିଥିଲେ । ଏସିଡ୍ ଆକ୍ରମଣ ପୀଡ଼ିତଙ୍କୁ ଆଇନଗତ ପ୍ରତିନିଧିତ୍ୱ ସହ ଚିକିତ୍ସା ଓ ପୁନର୍ବାସ ସୁବିଧା ପାଇବାରେ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣର ଯୋଜନା ସହାୟକ ହେଉଥିବା ନେଇ ସଚେତନ କରାଯାଇଥିଲା । ସେହିପରି ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ଆଇନ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ବ୍ୟକ୍ତିଗତ ତଥ୍ୟ ଓ ପାସୱାର୍ଡ ସୁରକ୍ଷିତ ରଖିବା, ଅଜଣା ଲିଙ୍କ୍ ରେ କ୍ଲିକ୍ ନକରିବା, ଅନଲାଇନ୍ ଠକେଇ, ନକଲି ପ୍ରୋଫାଇଲ୍, ସାଇବର ଉତ୍ପୀଡ଼ନ ଓ ଅନ୍ୟାନ୍ୟ ସାଇବର ଅପରାଧରୁ ସତର୍କ ରହିବାକୁ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଲୋକମୟୀ ପ୍ରଧାନ ବର୍ତ୍ତମାନ ଚାଲୁଥିବା 'ମଧ୍ୟସ୍ଥତା ଅଭିଯାନ-୩.୦' ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ମଧ୍ୟସ୍ଥତା ମାଧ୍ୟମରେ କେଉଁ ପ୍ରକାରର ମାମଲାର ସମାଧାନ ହୋଇପାରିବ ଏବଂ ଏହାଦ୍ୱାରା କିପରି ଶୀଘ୍ର ଓ ସହଜରେ ବିବାଦର ସମାଧାନ କରାଯାଇପାରିବ, ସେନେଇ ସଚେତନ କରାଯିବା ସହ ଅଭିଯାନର ସୁଯୋଗ ନେବାକୁ ସେ ଆହ୍ୱାନ କରିଥିଲେ । ଆଇନଗତ ସହାୟତା କିମ୍ବା ନ୍ୟାୟ ପାଇବାରେ କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିଲେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହାୟତା ନେବାକୁ କୁହାଯାଇଥିଲା । ମାଗଣା ଆଇନଗତ ସହାୟତା, ପରାମର୍ଶ ଓ ନ୍ୟାୟ ସମ୍ପର୍କିତ ସୂଚନା ପାଇଁ ନାଲ୍ସାର ଟୋଲ୍ ଫ୍ରି ହେଲ୍ପଲାଇନ୍ ୧୫୧୦୦ରେ ଯୋଗାଯୋଗ କରିବାକୁ ମଧ୍ୟ ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ସମାଜର ସମସ୍ତ ବର୍ଗର ଲୋକଙ୍କ ନିକଟରେ ଆଇନଗତ ସହାୟତା ପହଂଚାଇବା ସହ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

# ଝାରସୁଗୁଡ଼ାରେ ବେଆଇନ ଗ୍ୟାସ ସିଲିଣ୍ଡର ବ୍ୟବହାର ଓ ମହଜୁଦ ଉପରେ ଯୋଗାଣ ବିଭାଗର ଚଢ଼ାଉ

ଝାରସୁଗୁଡ଼ା,୦୮/୧୦ (ନି.ପ୍ର): ଝାରସୁଗୁଡ଼ା ପୌରାଞ୍ଚଳରେ ବେଆଇନ ଭାବେ ଘରୋଇ ଏଲ୍ପିଜି ସିଲିଣ୍ଡରର ବ୍ୟବସାୟିକ ବ୍ୟବହାର ତଥା ଅଣ-ଅନୁମୋଦିତ ସ୍ଥାନରେ ସିଲିଣ୍ଡର ମହଜୁଦ ରଖିବା ଘଟଣାକୁ ନେଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗାଣ ପ୍ରବର୍ତ୍ତନ ଟିମ୍ ପକ୍ଷରୁ ପୌରପାଳିକା ଅଧୀନସ୍ଥ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରି ସରକାରୀ ରିହାତି ପ୍ରାପ୍ତ ଘରୋଇ ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ଲଗାଯାଉଥିବା ଏବଂ ବିନା ଅନୁମତିରେ ବିପଦପୂର୍ଣ୍ଣ ଭାବେ ମହଜୁଦ ରଖାଯାଇଥିବା ସ୍ପଷ୍ଟ ହୋଇଥିଲା । ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅପରେସନ୍ ବେଳେ ଟିମ୍ ବିଭିନ୍ନ ସ୍ଥାନରୁ ସମୁଦାୟ ୮୮ଟି ଏଲ୍ପିଜି ସିଲିଣ୍ଡର ଜବତ କରିଛି । ଏଥିମଧ୍ୟରେ ୫୮ଟି ଘରୋଇ ଏଲ୍ପିଜି ସିଲିଣ୍ଡର, ୨୪ଟି ବ୍ୟବସାୟିକ ସିଲିଣ୍ଡର ଏବଂ ୬ଟି ୫ କିଲୋଗ୍ରାମ ବିଶିଷ୍ଟ ଛୋଟ ସିଲିଣ୍ଡର ସାମିଲ ରହିଛି । ସରକାରୀ ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ କରି ବ୍ୟବସାୟିକ ଲାଭ ପାଇଁ ଏଭଳି କାର୍ଯ୍ୟ କରାଯାଉଥିବା ନେଇ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢ଼ାଉ ବେଳେ ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ସଞ୍ଜୀବ ସାର୍ଦ୍ଦିଙ୍ଗ ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ ।ଅଭିଯାନରେ ଅତିରିକ୍ତ ଯୋଗାଣ ଅଧିକାରୀ ସୂର୍ଯ୍ୟକୁମାର ପାଣିଗ୍ରାହୀ, ଜୟନ୍ତ କୁଣ୍ଡୁ, ଶ୍ରୀମତୀ କେ. ନିଶାଙ୍କ ସମେତ ଯୋଗାଣ ନିରୀକ୍ଷକ ଆଶୁତୋଷ କିଷାନ, ମିସ୍ ରୋଜାଲିନ ସାହୁ, ମିସ୍ ବାସନ୍ତୀ ମୁର୍ମୁ ଏବଂ ମିସ୍ ମୋନିକା ମହାରଣା ପ୍ରମୁଖ ଉପସ୍ଥିତ ରହି ଚଢ଼ାଉ ପରିଚାଳନା କରିଥିଲେ । ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ଏଲ୍ପିଜି ସିଲିଣ୍ଡରର ଅପବ୍ୟବହାର କିମ୍ବା ବେଆଇନ ମହଜୁଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଯୋଗାଣ ପ୍ରବର୍ତ୍ତନ ଟିମ୍ ସ୍ପଷ୍ଟ କରିଛି । ଆଗାମୀ ଦିନରେ ଏଭଳି ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ଦଣ୍ଡବିଧାନ କରାଯିବ ବୋଲି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୦୮/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଫାମ୍ପୁଣୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନ୍ତା ପଂଚାୟତର ସରପଂଚ ଶ୍ରୀ ବାବୁଲା ଦିଶାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦୁରାମ ହରିଜନ, ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଫାମ୍ପୁଣୀ କ୍ଲଷ୍ଟରର ୧୫ ଟି ବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ ବକ୍ତୃତା, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଂଗୀତ, ଦଳଗତ ନୃତ୍ୟ, ପି ଏମ ପୋଷଣ, ସୁନ୍ଦର ହସ୍ତାକ୍ଷର ଲିଖନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ।

# ଡକାୟତି ଯୋଜନା ପଣ୍ଡ, ମାରଣାସ୍ତ୍ର ଓ ମୋଟର ସାଇକେଲ ଜବତ: ୩ ଗିରଫ, ୨ ଫେରାର

ଖୋର୍ଦ୍ଧା,୦୮/୧୦ (ନି.ପ୍ର): ପାର୍ବଣକୁ ଦୃଷ୍ଟିରେ ରଖି ଜିଲାରେ ଶାନ୍ତି, ଶୃଙ୍ଖଳା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଅପରାଧ ନିୟନ୍ତ୍ରଣ ଅଭିଯାନ ଜୋରଦାର କରାଯାଇଛି । ତେବେ ଶିଜ୍ଞାଂଚଳ ଥାନା ପୋଲିସ ଏକ ବଡ଼ ଅପରାଧ ଯୋଜନାକୁ ପଣ୍ଡ କରି ୩ ଜଣଙ୍କୁ ଗିରଫ କରିଛି । ପୋଲିସ ସୂଚନା ମୁତାବକ, ଗତ ୫ ତାରିଖ ସନ୍ଧ୍ୟାରେ ଶିଜ୍ଞାଂଚଳ ଥାନା ପୋଲିସ ଉପଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶିଜ୍ଞାଂଚଳ ଥାନା ପୋଲିସ ଟିମ୍ ମୁକୁନ୍ଦପ୍ରସାଦ ଓ ଗଡ଼ଖୋର୍ଦ୍ଧା ଅଂଚଳରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିଲା । ପ୍ରାୟ ରାତି ୭ଟା ୪୦ ମିନିଟ୍ ସମୟରେ ଗଡ଼ଖୋର୍ଦ୍ଧା-ପୁରୀ ରାସ୍ତା ନିକଟ ଗଡ଼ଚଣ୍ଡୀ ମନ୍ଦିର ପଛପଟେ କିଛି ସନ୍ଦିଗ୍ଧ ବ୍ୟକ୍ତି ଏକାଠି ହୋଇ ଡକାୟତି କରିବାକୁ ଯୋଜନା କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା । ପରେ ଘଟଣାସ୍ଥଳରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ୩ ଜଣଙ୍କୁ କାବୁ କରାଯାଇଥିବାବେଳେ ଅନ୍ୟ ୨ ଜଣ ଅନ୍ଧାର ଓ ଜଙ୍ଗଲିଆ ଅଂଚଳର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଅଂଚଳର ଚିନ୍ମୟ ସାମନ୍ତରାୟ ଓରଫ ଚିନା (୨୬), ଆକାଶ ରାଉତରାୟ ଓରଫ ଓଡ଼ା (୨୪) ଏବଂ ଜିତେନ୍ଦ୍ର ରାଉତରାୟ ଓରଫ ଜିତୁ (୨୮) । ପୋଲିସ ତଲାସି ସମୟରେ ଏମାନଙ୍କ ନିକଟରୁ ଗୋଟିଏ ଭୁଜାଲି, ଗୋଟିଏ ଲୁହା ଛୁରୀ, ଦୁଇଟି ଲୁହା ରଡ୍, ଗୋଟିଏ ଟେକନୋ ସ୍ପାର୍କ ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଛି । ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ଏକତ୍ର ହୋଇ ଡକାୟତି କରିବା ପାଇଁ ଯୋଜନା କରୁଥିଲେ । ବିଶେଷକରି ରାତି ସମୟରେ ଯାନବାହନ ଓ ସମ୍ପତ୍ତିକୁ ଟାର୍ଗେଟ କରିବା ପାଇଁ ସେମାନେ ପ୍ରସ୍ତୁତ ହେଉଥିବା ନେଇ ପୋଲିସ ସୂଚନା ଦେଇଛି ଏହି ଘଟଣାକୁ ନେଇ ଶିଜ୍ଞାଂଚଳ ଥାନା ପୋଲିସ ଥାନାରେ କେସ୍ ନଂ-୩୨୩, ତା. ୦୫.୧୦. ୨୦୨୬ରେ ୩୧୦(୪)/ ୩୧୦(୫) ବିଏନଏସ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ୩ ଅଭିଯୁକ୍ତଙ୍କ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାସ୍ଥଳରୁ ଫେରାର ହୋଇଥିବା ଅନ୍ୟ ୨ ସହଯୋଗୀଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଓ ଚଢ଼ାଉ ଜାରି ରହିଛି । ଏଥିସହ ଗିରଫ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ଓ ଅନ୍ୟ କୌଣସି ମାମଲାରେ ସେମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି ।

# ନୀଳଗିରି ବ୍ଲକରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ନେଇ ବିଜେଡିର ପ୍ରତିବାଦ ସଭା




ନୀଳଗିରି,୦୮/୧୦ (ନି.ପ୍ର): ନୀଳଗିରି ବ୍ଲକରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତାକୁ ନେଇ ଆଜି ବିଜେଡିପକ୍ଷରୁ ବ୍ଲକସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ସଭାପୂର୍ବରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଜୁପ୍ରେମୀ ଓ କର୍ମୀ ନୀଳଗିରି ସହରର ବାଇପାସ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତରହି ମାଲ୍ୟାର୍ପଣ କରିଥିଲେ । ପରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜେପି ବିରୋଧୀ ନାରାଦେଇ ବଜାର ପରିକ୍ରମା କରିବାପରେ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ ।ବ୍ଲକ ସମ୍ମୁଖରେ ଆୟୋଜିତସଭାରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱକରି ସ୍ଥାନୀୟ ବିଡ଼ିଓ ବିକ୍ରମକେଶରୀ ପରିଡା, ତାଙ୍କ ସ୍ତ୍ରୀ ତହସିଲଦାର ସୋନମ ଦାସ ସରକାରୀ ନିୟମକୁ ଉଲଂଘନକରି ବେଆଇନ ଓ ମନମୁଖୀ କାର୍ଯ୍ୟକରୁଥିବା ସହ ବିଜେପି ସରକାରଙ୍କ ଶାସନକୁ ସମାଲୋଚନା କରିଥିଲେ । ବିଶେଷକରି ନୀଳଗିରି ବ୍ଲକରେ ରାସନ , ଭତ୍ତା, ଜିପିଏଲଏଫ ବିଲିଡିଂ , ଆବାସଘର, ଏସଏଫସି, ବିଜିବିଓ,ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା,ସୁବିଧା ଗୃହ ,ସୌରଶକ୍ତି ଯୋଗାଣ ପ୍ରଦାନରେ ବିଡିଓ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନୀଳଗିରି ବିଡ଼ିଓଙ୍କ ମେରୀ ରାଏ ନୀତିକୁ ସମାଲୋଚନା କରିବାସହିତ ବିଜେପି ସରକାରକୁ 'ଲୁଟ୍ ସରକାର' ବୋଲି ସମାଲୋଚନା କରି ସ୍କୁଲ ପିଲାଙ୍କ ପୋଷାକରୁ ଶାସକଦଳର ବିଧାୟକ ପିସି ନେବାକୁ ପଛାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ । ବିଜେଡ଼ି ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଗାମୀ ପଞ୍ଚାୟତ ନିର୍ବାଚନପାଇଁ କର୍ମୀଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ ।ବିଜେପି ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ପଞ୍ଚାୟତ ନିର୍ବାଚନପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବାସହ ନାରୀ ଅସୁରକ୍ଷିତ ଏବଂ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ପ୍ରତାରିତ ହୋଇଛନ୍ତି ବୋଲି କହିଛନ୍ତି । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା , ଜିଲ୍ଲା ମହିଳା ବିଜେଡି ସଭାପତି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ପୂର୍ବତନ ଉପାଧ୍ୟକ୍ଷ ଶ୍ରୀମତୀ କମଳା ପରିଡା, ପୂର୍ବତନ ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ,ଜିଲ୍ଲା ଉପସଭାପତି ରବୀନ୍ଦ୍ର ପରିଡା ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର ନିଜନିଜ ବକ୍ତବ୍ୟରେ ବିଡ଼ିଓଙ୍କ ମନମୁଖୀ ବେଆଇନ କାର୍ଯ୍ୟକୁ ବିଜେଡି ଉଚିତ ଜବାବଦେବ ବୋଲି ବକ୍ତବ୍ୟ ରଖିଥିଲେ ।ଅନ୍ୟମାନଙ୍କ ମଧ୍ୟରେ, ରାମକୃଷ୍ଣ ମହାପାତ୍ର,ଯୁବନେତା ଉପେନ୍ଦ୍ର ଦାସ,ସରପଞ୍ଚ କୁଳମଣି ନାୟକ,ଚାଷୀନେତା ଧୀରେନ୍ଦ୍ର ବେହେରା, ସରପଞ୍ଚ ସଞ୍ଜୟ ସିଂ,ସରପଞ୍ଚ ସୁରଥ ସିଂ, ଅଭିମନ୍ୟୁ କର ,ଧୀରେନ୍ଦ୍ର ମୁଦୁଲି, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ ପ୍ରମୁଖ ବିଜେପି ସରକାରକୁ ସମାଲୋଚନା କରିବାସହ ବିଜେଡିର ୨୪ବର୍ଷର ଶାସନ ସମ୍ପର୍କରେ ମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ନଟୁ ସରକାର, ବବୁଲା ମହାନ୍ତି,ସୁନିଲ ପ୍ରଧାନ, ଗଙ୍ଗାଧର ସିଂ, କ୍ଷେତ୍ରମୋହନ ସିଂ, ପ୍ରକାଶ ସିଂ, ଚନ୍ଦନ ନାୟକ, ଶମ୍ଭୁ ନାଥ ବେହେରା, ନଗରସଭାପତି ଅଚତ୍ୟୁ ପ୍ରଧାନ,ମହେଶ୍ୱର ଗୋଛୟତ, ମାନସ ରାଉତ, ମାନସ ସ୍ୱାଇଁଙ୍କ ସମେତ ବହୁ ଯୁବକ ପରିଚାଳନାରେ ସହଯୋଗ କରିଥିଲେ ।

# ଭଦ୍ରକରେ ଭୋଟର ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ: ୭ରୁ ୯ ଅକ୍ଟୋବର ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର



ଭଦ୍ରକ,୦୮/୧୦ (ନି.ପ୍ର): ଭାରତୀୟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଅଭିଯାନର ସୁଚାରୁ ରୂପାୟଣ ପାଇଁ ଅକ୍ଟୋବର ୭ ତାରିଖରେ ସମସ୍ତ ଏଇଆରଓଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବ୍ଲକସ୍ତରରେ ବୁଥ୍ ଲେଭେଲ୍ ଅଫିସର (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ପ୍ରଶିକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଚିହ୍ନଟ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ବିଏଲଓ ଓ ସୁପରଭାଇଜରମାନଙ୍କୁ ସଚେତନ କରାଯାଇଛି ।ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବେ ଅକ୍ଟୋବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେବ । ଏହି ଶିବିରଗୁଡ଼ିକରେ ବିଏଲଓମାନେ ଉପସ୍ଥିତ ରହି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ସହାୟତା ପ୍ରଦାନ କରିବେ । ଭୋଟର ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ସମାବେଶୀ କରିବା ସହିତ କୌଣସି ଯୋଗ୍ୟ ନାଗରିକ ଯେପରି ପଞ୍ଜୀକରଣରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ BLO ଓ ସୁପରଭାଇଜରମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣରେ ନିର୍ଦ୍ଦେଶ ଦିଆଯାଇଛି । ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ଯୁବକ-ଯୁବତୀ ଏବଂ ୫ଓଜ-୨୦୨୬ ସମୟରେ କୌଣସି କାରଣରୁ ଭୋଟର ତାଲିକାରେ ନାମ ସାମିଲ ହୋଇପାରିନଥିବା ବ୍ୟକ୍ତିମାନେ ନିଜ ଅଞ୍ଚଳର ବିଏଲଓଙ୍କ ନିକଟରେ ଯୋଗାଯୋଗ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇପାରିବେ । ନିର୍ବାଚନ ଆୟୋଗର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଥର ଘୋଷଣାପତ୍ର ଦାଖଲ କରିବାର ଆବଶ୍ୟକତାକୁ ହଟାଇ ଦିଆଯାଇଛି । ତେଣୁ ଭଦ୍ରକ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଆରମ୍ଭ

ଜୟପୁର,୦୮/୧୦ (ନି.ପ୍ର): ଶିକ୍ଷାଦାନ ପ୍ରଣାଳୀରେ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର ବଢୁଥିବା ବେଳେ ଶିକ୍ଷକ, ଶିକ୍ଷକ-ପ୍ରଶିକ୍ଷକ ଓ ଶିକ୍ଷକ ପ୍ରଶିକ୍ଷଣାର୍ଥୀଙ୍କୁ ନୂତନ ପ୍ରଯୁକ୍ତି ସହ ପରିଚିତ କରାଇବା ଲକ୍ଷ୍ୟରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଏଫ୍‌ଡିପି ଆରମ୍ଭ ହୋଇଛି । ସିଆଇଇଟି-ଏନ୍‌ସିଇଆର୍ଟି, ନୂଆଦିଲ୍ଲୀର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୭ରୁ ୯ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ଉଦଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆଇସିଟି ଓ ଉଦୀୟମାନ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ । ସହକାରୀ ପ୍ରାଧ୍ୟାପକ କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ସମ୍ବର୍ଦ୍ଧନା କାର୍ଯ୍ୟ ସମ୍ପାଦନ କରିଥିଲେ । ସିଆଇଇଟି-ଏନ୍‌ସିଇଆର୍ଟିର ସହକାରୀ ପ୍ରାଧ୍ୟାପକ ଡ. ରୁଚି ଦ୍ୱିବେଦୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖା ସମ୍ପର୍କରେ ଅବଗତ କରାଇଥିଲେ । ବିଶ୍ୱବିଦ୍ୟାଳୟ ପିଜି ପରିଷଦ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ବିଶେଷ ଅଭିଭାଷଣ ଦେଇଥିବାବେଳେ ସିଆଇଇଟି-ଏନ୍‌ସିଇଆର୍ଟିର ପ୍ରାଧ୍ୟାପକ ରାଜେନ୍ଦ୍ର ପାଲ ଉଦ୍ଘାଟନୀ ଅଭିଭାଷଣ ରଖିଥିଲେ । ପ୍ରଥମ ଦିନରେ ଅଂଶଗ୍ରହଣକାରୀଙ୍କ ଦୀକ୍ଷା ପଞ୍ଜୀକରଣ, ପ୍ରି-ଟେଷ୍ଟ ଏବଂ ଦୀକ୍ଷା ଆପ୍ ଡାଉନ୍‌ଲୋଡ୍ ଭଳି କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦୁଇ ଦିନରେ ଆଇସିଟି ଉପକରଣ, ଡିଜିଟାଲ୍ ଶିକ୍ଷା ପ୍ରଣାଳୀ ଓ ଉଦୀୟମାନ ପ୍ରଯୁକ୍ତିର ପ୍ରୟୋଗ ମାଧ୍ୟମରେ ଶିକ୍ଷାଦାନକୁ ଅଧିକ ପ୍ରଭାବୀ ଓ ଗୁଣାତ୍ମକ କରିବା ଉପରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । ସିଆଇଇଟି-ଏନ୍‌ସିଇଆର୍ଟିର ମିଡିଆ ପ୍ରଡକ୍ସନ୍ ଡିଭିଜନ୍ ମୁଖ୍ୟ ପ୍ରଫେସର ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବାରିପଦା ତରଫରୁ ୩୫୧ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



ବାରିପଦା,୦୮/୧୦ (ନି.ପ୍ର): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବାରିପଦା ତରଫରୁ ଦୃଷ୍ଟି ସମସ୍ୟା ଥିବା ପୂର୍ବରୁ ଚିହ୍ନଟ ହୋଇଥିବା ୩୫୧ ଜଣ ଛାତ୍ରଛାତ୍ରୀମାନଙ୍କୁ ବୀର ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲା ଅନ୍ତର୍ନିବେଶୀ ସାଧନ କେନ୍ଦ୍ର, ଲାଲବଜାର, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁୟାରୀ ମାସରେ ବାରିପଦା ବ୍ଲକର ପାଞ୍ଚ ଗୋଟି ସ୍ଥାନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିହ୍ନିତ ଛାତ୍ରଛାତ୍ରୀମାନଙ୍କୁ ଚଷମା ପ୍ରଦାନ କରିଥିଲେ । ସେ ଚକ୍ଷୁର ଯତ୍ନ ଓ ଚଷମାର ବ୍ୟବହାର ସମ୍ପର୍କରେ ପିଲା ଓ ଅଭିଭାବକ ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଶ୍ରୀ ନିରଞ୍ଜନ ନାୟକ ଏବଂ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସୁକୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୃଷ୍ଟି ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଚଷମା ଯୋଗାଇ ଦିଆଯାଇଥିବାରୁ ସେମାନଙ୍କର ପାଠପଢ଼ା ଓ ଶିକ୍ଷାଗ୍ରହଣରେ ଏହା ନିଶ୍ଚିତ ଭାବେ ସହାୟକ ହେବ ବୋଲି ଅତିଥିଦ୍ୱୟ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଚିହ୍ନିତ ସମସ୍ତ ଛାତ୍ରଛାତ୍ରୀଙ୍କ ସହିତ ବାରିପଦା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସୁଶୀଲ କୁମାର ପଣ୍ଡା, ଶ୍ରୀ ଧନପତି ମିଶ୍ର, ଶ୍ରୀ ପଙ୍କଜ କୁମାର ମିଶ୍ର, ଶ୍ରୀମତୀ ପୂଜାରଣୀ ପଣ୍ଡା ଓ ଶ୍ରୀମତୀ କନକଲତା ମାଝି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଚଷମା ପ୍ରଦାନ ଓ ଆବଶ୍ୟକ ସହଯୋଗ କରିଥିଲେ । ଅନ୍ତର୍ନିବେଶୀ ସାଧନ କର୍ମୀ ଶ୍ରୀମତୀ ରେଖାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସ୍ଥଳେ ଶ୍ରୀ ଦିଲୀପ କୁମାର ଦାସ ଉପସ୍ଥିତ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରଜରାଜନଗରରେ ଶାନ୍ତି କମିଟି ବୈଠକ

ଝାରସୁଗୁଡ଼ା,୦୮/୧୦ (ନି.ପ୍ର): ଆଗାମୀ ପୂଜାକୁ ଶାନ୍ତିଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ବ୍ରଜରାଜନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ଶାନ୍ତି କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ପୂଜା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିୟମାବଳୀ ଓ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ସହରରେ ଶାନ୍ତି ଏବଂ ଭାଇଚାରା ବଜାୟ ରଖିବା ଉପରେ ମୁଖ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ଅଧିକାରୀ ତୁଷାର ମହାନ୍ତି ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଯୋଗଦେଇ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଏଥିସହ ପୂଜା ମଣ୍ଡପଗୁଡ଼ିକରେ ନିରାପତା ସୁନିଶ୍ଚିତ କରିବା ଏବଂ ସାମାଜିକ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଏହା ବ୍ୟତୀତ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସଡିଓ ସୁରଥ ନାୟକ, ଟିପିଡବ୍ଲ୍ୟୁଓଡିଏଲ ଏସଡିଓ ଶ୍ରୀକାନ୍ତ ବେହେରା, ଏମସିଏଲ୍ କର୍ତ୍ତୃପକ୍ଷ, ଅଗ୍ନିଶମ ବାହିନୀ ଓ ୱାଟକୋର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଉତ୍ସବ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା, ରାସ୍ତା ମରାମତି ଓ ଅଗ୍ନି ନିର୍ବାପକ ପଦକ୍ଷେପ ଉପରେ ସମୀକ୍ଷା କରିଥିଲେ ।

# ଏମ ଭି ୭୯ ରେ ଅଟୋ ଡ୍ରାଇଭର ୱେଲଫେୟାର ସୋସାଇଟି ଗଠିତ

ମାଲକାନଗିରି ,୦୮/୧୦ (ନି.ପ୍ର): ଅଟୋ ଚାଳକମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ କଲ୍ୟାଣକୁ ଦୃଷ୍ଟିରେ ରଖି ଏମ ଭି ୭୯ ଠାରେ ଜୟ ଶ୍ରୀ ରାମ ଅଟୋ ଡ୍ରାଇଭର ୱେଲଫେୟାର ସୋସାଇଟି ଆଜି ଗଠନ କରାଯାଇଛି । ଏନେଇ ଅନୁଷ୍ଠିତ ସଭାରେ ଅଟୋ ଚାଳକମାନଙ୍କ ବିଭିନ୍ନ ସମସ୍ୟା, ଏକତା ଓ ସାମାଜିକ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା ।ନୂତନ କର୍ମକର୍ତ୍ତା ଭାବେ ସଭାପତି ରାଜକିଶୋର ମଣ୍ଡଳ, ଉପସଭାପତି ବୁଣା ବନ୍ଧୁ ମାଢ଼ି, ସମ୍ପାଦକ ଅମିତ ମଣ୍ଡଳ, ଉପସମ୍ପାଦକ ସୁବ୍ରତ ପରାମାଣିକ, କୋଷାଧ୍ୟକ୍ଷ ସଦନ ଚୌକିଦାର, ଆଡଭାଇଜର ଦୀପକ ଦତ୍ତ ଏବଂ ଲିଗାଲ ଆଡଭାଇଜର ବିବେକାନନ୍ଦ ଦେବନାଥ ମନୋନୀତ ହୋଇଛନ୍ତି ।

# ବାଲିଆପାଳରେ ଓଡ଼ିଶା ବନ୍ଦ ସଫଳ : ପରୀକ୍ଷା ଦେଇ ନ ପାରି ଫେରିଲେ ଛାତ୍ରଛାତ୍ରୀ



ବାଲିଆପାଳ , ୦୮/୧୦ (ନି.ପ୍ର): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଏମ ଏମ ଡି ଆର ଆଇନ ପ୍ରତ୍ୟାହାର ସହିତ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହିତ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ ଦାବିରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଆଯାଇଥିବା ଓଡିଶା ବନ୍ଦ ଡ଼ାକରା ବାଲିଆପାଳରେ ସଫଳ ହୋଇଛି। ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ନେତୃତ୍ୱରେ ବାଲିଆପାଳ ବ୍ଲକର ପ୍ରବେଶ ଦ୍ୱାର ବ୍ଲକ ଛକ ଠାରେ ସକାଳ ୬ ଟା ଠାରୁ କଂଗ୍ରେସ କର୍ମୀ ମାନେ ଆସି ପିକେଟିଂ କରି ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ସେହିପରି ବ୍ଲକର ପ୍ରମୁଖ ବଜାର ସିମୁଳିଆ ବଜାର,କାଳିପଦା ବଜାର, ଲଙ୍ଗଳେଶ୍ୱର ବଜାର,ପଞ୍ଚୁପାଲି ବଜାର,ରତେଇ ବଜାର, ନୂଆଗାଁ ହାଟ,ପାରୁଳିଆ ଛକ, ଜାମକୁଣ୍ଡା ଲକ, ବସଷ୍ଟାଣ୍ଡ,ଦେଭୋଗ, ଖପରାପଦା ପାରୁଳିଆ ହାଟ ପ୍ରଭୃତି ସ୍ଥାନରେ କଂଗ୍ରେସ କର୍ମୀ ମାନେ ପିକେଟିଂ କରି ବନ୍ଦକୁ ସଫଳ କରିଥିଲେ। ବ୍ଲକର ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସମସ୍ତ ମହାବିଦ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ସେହିପରି ସମସ୍ତ ବ୍ୟବସାୟୀକ ଦୋକାନ ବଜାର ସ୍ୱତଃ ପ୍ରବୃତ୍ତ ଭାବରେ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ମାନଙ୍କରେ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ପରୀକ୍ଷାର ଦିନ ପରିବର୍ତ୍ତନ କରାଯାଇଥିଲା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା ଦିନ ପରିବର୍ତ୍ତନ ହୋଇ ନାହିଁ। ମାତ୍ର ବାଲିଆପାଳ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକ ନିକଟରୁ ପରୀକ୍ଷା ଦେଇ ନପାରି ଫେରି ଯାଇଥିବା ଜଣାପଡିଛି। ତେବେ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ବିଦ୍ୟାଳୟର ଅଧକ୍ଷା ଅନ୍ୟ କାହାକୁ ଦାୟିତ୍ୱ ନଦେଇ ଅନୁପସ୍ଥିତ ଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ଜିଲ୍ଲାର ଅନ୍ୟ ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହୋଇ ଥିବା ବେଳେ ବାଲିଆପାଳରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନପାରି ଫେରି ଯାଇଥିବା ସୂଚନା ମିଳିଛି। ଯେଉଁଥିପାଇଁ ଛାତ୍ରଛାତ୍ରୀ ମାନେ ନିଜ ନିଜର ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡିଛନ୍ତି। ତେବେ ଆଜିର ବନ୍ଦ ବେଳେ ଅତ୍ୟାବଶ୍ୟକ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ, ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରଭୃତି ବନ୍ଧ ରହିଥିବା ଦେଖିବାକୁ ମିଳିଥିଲା। ବାଲିଆପାଳ ଠାରେ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ମୁରଲୀ ମୋହନ ସାହୁ, ରବିନାରାୟଣ ମହାନ୍ତି, ସୁଶାନ୍ତ ପାତ୍ର,ଅଶ୍ୱିନୀ ଦାସ, ଅବନୀ ପାତ୍ର, ରଞ୍ଜନ ଦେ, କବୀର ଖାଁ, ଜଗନ୍ନାଥ ବାରିକ,ଅରୁଣ ପାତ୍ର ପ୍ରମୁଖ ଯୋଗଦେଇ ବନ୍ଦକୁ ସଫଳ କରିଥିବା ବେଳେ କାଳିପଦା ଠାରେ ଦକ୍ଷିଣ ବାଲିଆପାଳର କଂଗ୍ରେସ ନେତା ତଥା ବ୍ଲକ କଂଗ୍ରେସ କମିଟିର କାର ?ୟକାରୀ ସଭାପତି ଜଗନ୍ନାଥ ବିଶ୍ୱାଳ ନେତୃତ୍ୱ ନେଇ ବନ୍ଦକୁ ସଫଳ କରିଥିଲେ। ସେହିପରି ଲଙ୍ଗଳେଶ୍ୱର ଠାରେ କଂଗ୍ରେସ ନେତା କାର୍ତ୍ତିକ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବରେ ସଫଳ କରିଥିଲେ।

# ବୈଶିଙ୍ଗୀ ଥାନା ଇଲାକାରେ ମଦ ଚଢାଉ: ବ୍ୟାପକ ଦେଶୀ ବିଦେଶୀ ମଦ ଜବତ, ମାମଲା ରୁଜୁ



ବୈଶିଙ୍ଗା, ୦୮/୧୦ (ନି.ପ୍ର): ଅବକାରୀ ବିଭାଗର ଜ୍ଞାତସାରରେ ବୈଶିଙ୍ଗା ଥାନା ଅଞ୍ଚଳ ରେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଦେଶୀ ଓ ବିଦେଶୀ ଚୋରା ମଦ ବିକ୍ରୀ ହେଉ ଥିବା ସହିତ ବହୁତ ବିଷାକ୍ତ ଭେଜାଲ ମଦ ମଧ ବିକ୍ରୀ ହେବା ଯୋଗୁଁ ଅକାଳ ମୃତ୍ୟୁ ଘଟୁଥିବା ଏକ ନିତି ଦିନିଆ ଘଟଣା ପାଲଟି ଯାଇଛି । ବୈଶିଙ୍ଗା ଥାନା ରେ ନୂଆ ଆଇ ଆଇ ସି ବାବା ଶଙ୍କର ସରାଫ୍ ଦାୟିତ୍ୱ ନେବା ପରେ ବିଭିନ୍ନ ସ୍ଥାନରେ ବ୍ୟାପକ ମଦ ଚଢାଉ ଜାରି ରଖିଛନ୍ତି । ଏହି ପ୍ରକ୍ରିୟାରେ ଆଜି ବୁଧବାର ଡାହିବାତି ସାପ୍ତାହିକ ହାଟରୁ ଦେଶୀ ମଦ ବିକ୍ରୀ କରୁଥିବା ଅଭିଯୋଗରେ ଛଅ ଜଣଙ୍କୁ ସନ୍ଧ୍ୟା ସମୟରେ ଉଠାଇ ଆଣିଥିଲେ । ଠିକ୍ ସେହିପରି ପଣସିଆ ଛକରେ ଚୋରା ବିଦେଶୀ ମଦ ବିକ୍ରୀ କରିଥିବା ଅଭି ଯୋଗରେ ରାମଚନ୍ଦ୍ର ବେହେରା ଙ୍କ ପୁଅ ମନ୍ମଥ ( ୩୩) କୁ ଗିରଫ କରି ଥାନାକୁ ଆଣିଥିବା ଜଣାଯାଇଛି । ତାଠାରୁ ବିଭିନ୍ନ ନାମୀ ଦାମୀ କମ୍ପାନୀର ହେବୁଲ ଥିବା ବିଦେଶୀ ମଦ ଜବତ କରାଯାଇଛି ।

# ଖଇରାରେ ଇଣ୍ଡି ମେଣ୍ଟର ଓଡିଶା ବନ୍ଦ ଓ ପଥପ୍ରାନ୍ତ ସଭା

ଖଇରା, ୦୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଓଡିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ସମସ୍ତ ଦୋକାନ ବଜାର,ଗାଡି ଚଳାଚଳ, ବ୍ୟାଙ୍କ,ବ୍ଲକ ଓ ତହସିଲ କାର୍ଯ୍ୟାଳୟ ବନ୍ଦ ରହିଥିଲା । ଇଣ୍ଡି ମେଣ୍ଟର ସଦସ୍ୟ ମାନଙ୍କ ଦ୍ୱାରା ଶୋଭାଯାତ୍ରା ପିକେଟିଂ ପରେ ଖଇରା ବ୍ଲକ ଛକରେ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ମଧୁସୁଦନ ଜେନା,ପ୍ରଶାନ୍ତ ପାତ୍ର ଓ ବାମପନ୍ଥି ନେତା ଜଗତାନନ୍ଦ ମହାପାତ୍ର,ମାନସ ମହାପାତ୍ର,ପ୍ରଶାନ୍ତ ବାରିକ,ସନ୍ତୋଷ ସାହୁ,ଜନ୍ମେଜୟ ଶତପଥି,ଉତ୍ତମ ଦାସ ପ୍ରମୁଖ ଯୋଗ ଦେଇ ଏମଏମଡିଆର ,ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ଇସ୍ତଫା,ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଇତ୍ୟାଦି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେହିଭଳି ଖଇରା ବ୍ଲକର ଗଣ୍ଡିବେଡ,ତୁଡିଗଡିଆ,କୁପାରୀ ଇତ୍ୟାଦି ବଜାରରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଛି ।

# ଏସଏସଡି ବାଳିକା ହଷ୍ଟେଲରେ ୪୬ ଛାତ୍ରୀ ଅସୁସ୍ଥ



ବୈଶିଙ୍ଗା , ୦୮/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସଏସଡି) ବାଳିକା ହାଇସ୍କୁଲ ହଷ୍ଟେଲରେ ଘଟିଛି ଏହି ଅଭାବନୀୟ ଘଟଣା । ହଷ୍ଟେଲରେ ରହୁଥିବା ୪୬ ଜଣ ଛାତ୍ରୀ ହଠାତ୍ ଝାଡ଼ାବାନ୍ତି ଏବଂ ପେଟ ବ୍ୟଥାର ଶିକାର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ହଷ୍ଟେଲରେ ରାତ୍ରିଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀଙ୍କଠାରେ ବାନ୍ତି, ଝାଡ଼ା ଓ ପେଟକଟା ଲକ୍ଷଣ ଦେଖାଦେଇଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ି ଯୋଗେ ଅସୁସ୍ଥ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଗୁରୁତର ଥିବା କିଛି ଛାତ୍ରୀଙ୍କୁ ତୁରନ୍ତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ବେଳକୁ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି । ବିଷକ୍ରିୟା (ଫୁଡ୍ ପଏଜନିଂ) କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି । ଘଟଣା ସମ୍ପର୍କରେ ଖବରପାଇ ଜିଲ୍ଲାପାଳ ହେମକାନ୍ତ ସଏ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଜିଲ୍ଲାପାଳ ସିଧାସଳଖ ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଏବଂ ପାନୀୟ ଜଳ ବ୍ୟବସ୍ଥାର ତନଖି କରିଛନ୍ତି । ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବ୍ରଜରାଜନଗର ପୌରପରିଷଦ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୦୮/୧୦ (ନି.ପ୍ର): ସ୍ୱଚ୍ଛତା ହିଁ ସେବା' ଅଭିଯାନ ତଥା ପ୍ରଧାନମନ୍ତ୍ରୀଙ୍କ ସଫଳ ୨୫ ବର୍ଷର ଲୋକସେବା ପୂର୍ତ୍ତି ଉପଲକ୍ଷେ ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହରରେ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୌର ପ୍ରଶାସନ ତରଫରୁ ଏକ ବିଶାଳ ବାଇକ୍ ରାଲି ବାହାର କରାଯାଇ ସହର ପରିକ୍ରମା କରାଯାଇଥିଲା। ଏହି ରାଲି ମାଧ୍ୟମରେ ନାଗରିକମାନଙ୍କୁ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବାର୍ତ୍ତା ଦିଆଯାଇଥିଲା। ବାଇକ୍ ରାଲି ପରେ ସହରର ବିଭିନ୍ନ ପୂଜା ମଣ୍ଡପ, ପ୍ରମୁଖ ଛକ ଏବଂ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏକ ବ୍ୟାପକ ସାମୂହିକ ସଫେଇ ଅଭିଯାନ ହାତକୁ ନିଆଯାଇଥିଲା। ପୂଜା ଋତୁକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ତଥା ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ପରିବେଶକୁ ପରିଷ୍କାର-ପରିଚ୍ଛନ୍ନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରପରିଷଦର ଅଧ୍ୟକ୍ଷ ଗୋପାଳ ସୀତାନୀ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, କାଉନସିଲରବୃନ୍ଦ, 'ସୁଭଦ୍ରା ଶକ୍ତି'ର ସଦସ୍ୟା, ସ୍ୱଚ୍ଛ କର୍ମୀ ତଥା ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକମାନେ ବିପୁଳ ଉତ୍ସାହର ସହିତ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ସହ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ନିଷ୍ଠାପର ଅବଦାନ ରଖିବା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ।

# ଇଣ୍ଡିଆ ମେଣ୍ଟର ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ: ଜଳେଶ୍ୱରରେ ବ୍ୟାପକ ପ୍ରଭାବ,୧୬ ନମ୍ବର ଜାତୀୟ ରାଜପଥରେ ଶହ ଶହ ଗାଡ଼ି ଅଟକ



ଜଳେଶ୍ୱର, ୦୮/୧୦ (ନି.ପ୍ର): ଖଣି ଓ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ରଦ୍ଦ,ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବିରେ ଆଜି 'ଇଣ୍ଡିଆ' ମେଣ୍ଟ ପକ୍ଷରୁ ୧୨ ଘଣ୍ଟିଆ ' ଜଳେଶ୍ୱର ବନ୍ଦ' ଡାକରା ଦିଆଯାଇଛି। କଂଗ୍ରେସ ସମେତ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ଆହ୍ୱାନର ବ୍ୟାପକ ପ୍ରଭାବ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଦେଖିବାକୁ ମିଳିଛି। ସକାଳୁ ସକାଳୁ ଆନ୍ଦୋଳନକାରୀ ମାନେ ଜଳେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମଣନାଥ ସହିତ ବ୍ଲକ ଛକ ବଡବଜାର ଛକ, ହାଟ ଛକ, ଷ୍ଟେସନ ଛକ, ନୂଆବଜାର ଛକ ପ୍ରମୁଖ ତଥା ପଶ୍ଚିମବାଡ ବଜାର, ନାମ୍ପୋ ବଜାର ସହିତ ରାଇବଣିଆ ର ବିଭିନ୍ନ ସ୍ଥାନଗୁଡ଼ିକରେ ପିକେଟିଂ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସ୍କୁଲ,କଲେଜ ଓ ସରକାରୀ-ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଛି।ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ୍,ବସ୍ ଓ ଯାତ୍ରୀବାହୀ ଗାଡ଼ି ଅଟକି ରହିଛି। ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, ନିତ୍ୟବ୍ୟବହାର୍ଯ୍ୟ କାମରେ ବାହାରିଥିବା ସାଧାରଣ ଲୋକ ଓ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଦ ଡାକରାର ମୁଖ୍ୟ ଦାବିସମୂହ ହେଲା ଏମ୍ ଏମ୍ ଡି ଆର ଆଇନ ରଦ୍ଦ। ସଂସଦରେ ଗୃହୀତ ହୋଇଥିବା ଏମ୍ ଏମ୍ ଡି ଆର ସଂଶୋଧନ ଆଇନକୁ ତୁରନ୍ତ ପ୍ରତ୍ୟାହାର।ପାଠ୍ୟପୁସ୍ତକ ତ୍ରୁଟି ଓ ଶିକ୍ଷା କ୍ଷେତ୍ରରେ ଅବହେଳା ଅଭିଯୋଗରେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି।ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳର ବିପନ୍ନଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ରିଲିଫ୍ ପ୍ରଦାନ। ଏହି କାର୍ଯ୍ୟକ୍ରମରେ ସୁଦର୍ଶନ ଦାସ, ଦିଲ୍ଲୀପ କୁମାର ଗିରି, ଅକ୍ଷୟ କୁମାର ମିଶ୍ର, ହେମନ୍ତ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ,ସୁଦାମ ପାତ୍ର, ରବିନ୍ଦ୍ର ବାରିକ,ଜଗଦୀଶ ନଦୀ, ମମି ପଣ୍ଡା,ଦିଲ୍ଲୀପ ପରିଡ଼ା,ପ୍ରକାଶ ଦେ,ଗଣେଶ ପାତ୍ର,ପଲ୍ଟୁ ଦାସ, ସବିତା ଭୂୟାଁ, ଲକ୍ଷ୍ମୀଧର ଗିରି,ଗୋପାଳ କୃଷ୍ଣ ଜେନା, ଶ୍ରୀକାନ୍ତ ସିଂ,ସୁଶାନ୍ତ ସେଠୀ, ବିଧୁଭୂଷଣ ଦାସ, ଜଗଦିଶ ନନ୍ଦୀ,ରାଜୀବ ପରିଡ଼ା, ପଦ୍ମଲୋଚନ ବେହେରା ପ୍ରମୁଖ ସହସ୍ରାଧିକ କର୍ମୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଳେଶ୍ୱର ତଥା ବିଭିନ୍ନ ସଂବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାପକ ପୁଲିସ ବଳ ମୋତୟନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇଣ୍ଡି ମେଣ୍ଟର...

ଆନ୍ଦୋଳନକାରୀ କ୍ଷୀର ଗାଡିକୁ ବି ଛାଡିନଥିଲେ। ବନ୍ଦ ପାଳନ ବେଳେ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତିର ଏଚିତ୍ର ଭଦ୍ରକର। ଆନ୍ଦୋଳନକାରୀ ବନ୍ଦରେ ଏମିତି ମାତିଥିଲେ ଯେ, ପୋଲିସର କଲର ଧରି ଘୋଷାଡିବାକୁ ପଛାଇନଥିଲେ। ବନ୍ଦରୁ ବାଦ୍ ପଡିନି ନ୍ୟାୟିକ ବ୍ୟବସ୍ଥା। ବରଗଡ କୋର୍ଟ ପରିସରରେ ପିକେଟିଂ ବେଳେ ବିଚାରପତିଙ୍କୁ ଅଟକାଇଥିଲେ କଂଗ୍ରେସ କର୍ମୀ, କୋର୍ଟ କାର୍ଯ୍ୟ ବନ୍ଦ କରିବାକୁ କରିଥିଲେ ଅନୁରୋଧ। ଜଳପଥରେ ବି ପଡିଲା ତାଲା। ଜହ୍ନିକୁଦାରୁ ସାତପଡା, ଚିଲିକାର ଜଳପଥ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ ଆନ୍ଦୋଳନକାରୀ। ବନ୍ଦ ରହିଥିଲା ଡଙ୍ଗା ଓ ଫେରି ଚଳାଚଳ। ୪ ଦଫା ଦାବି ନେଇ ସକାଳ ୬ରୁ ସନ୍ଧ୍ୟା ୬ ଯାଏ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା ଇଣ୍ଡି ମେଣ୍ଟ। ଗଗଉଜ ଆଇନ୍ ପ୍ରତ୍ୟାହାର, ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା, ରାଜ୍ୟରେ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଦାବି କରାଯାଇଛି। ତେବେ ଏହି ବନ୍ଦ ପାଳନରେ ସାଧାରଣ ଜୀବନଯାତ୍ରା ସହ ଠପ୍ ହୋଇଯାଇଛି ମାଲ୍ ପରିବହନ।

### ଆଜି ନାମାଙ୍କନ: ...

ବାତିଲ କରିଦିଆଯାଇଛି। ଭୋରରେ ଅଧକ୍ଷଙ୍କ ବାସଭବନ ଆଗରେ ବୋମା ମାଡ଼ ସହ ପଠାଣି ସାମନ୍ତ ଛାତ୍ରାବାସ ଆଗରେ ୪ଟି ବୋମା ଫୁଟିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ହଷ୍ଟେଲ କ୍ୟାମ୍ପସରେ ଅଣଛାତ୍ର ଢେଳା ମାଡ଼ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭଦ୍ରକ ସହରାଞ୍ଚଳ ଥାନା ଘେରିଥିଲେ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ । ଛାତ୍ର ସଂସଦ ନିର୍ବାଚନକୁ ନେଇ ସରଗରମ ହୋଇଛି ରାଜନୀତି । ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରେସମିଟ୍ କରି ଅଭିଯୋଗ ଆଣିଛି କଲେଜ ଅଧକ୍ଷଙ୍କୁ ହାତ କରି ନିର୍ବାଚନ ପରିଚାଳନା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏହାର ଜବାବ ଦେଇ ଏବିଭିପି କହିଛି ଛାତ୍ର ସଂସଦ ହାରିବା ଭୟରେ ବିସିଜେଡି ସରକାର ଓ ଏବିଭିପିକୁ ଦୋଷ ଦେଉଛି । ରାତି ପାହିଲେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଭରିବେ ଆଶାୟୀ ପ୍ରାର୍ଥୀ । ଆସନ୍ତା ୧୫ ତାରିଖରେ ହେବ ଭୋଟ । ହେଲେ ଏବେଠୁ ଲଢ଼େଇ ପାଇଁ ଅଣ୍ଟା ଭିଡ଼ିଲେଣି ଛାତ୍ର ନେତା ।

### ବ୍ୟାସନଗର ସ୍ୱୟଂଶାସିତ...

ଏନେଇ ନିଷ୍ପତ୍ତି ହୋଇଛି । ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୮ ତାରିଖ ଅପରାହ୍ନ ୧ଟାରୁ କଲେଜ ବନ୍ଦ ରହିବ । ଏନେଇ କଲେଜ ଅଧକ୍ଷଙ୍କ ପକ୍ଷରୁ Notice No. ୩୦୭୮ ଜାରି କରାଯାଇଛି । କେବଳ କଲେଜ ବନ୍ଦ ନୁହେଁ, ଆବାସିକ ଛାତ୍ରଛାତ୍ରୀଙ୍କ ପାଇଁ ମଧ ନିର୍ଦ୍ଦେଶ ଜାରି ହୋଇଛି। ଅକ୍ଟୋବର ୯ ତାରିଖ ସକାଳ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ଖାଲି କରିବାକୁ କୁହାଯାଇଛି । କଲେଜ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ କଳିଙ୍ଗନଗର ADMଙ୍କୁ ମଧ ଅବଗତ କରାଯାଇଛି । ତେବେ ଛାତ୍ର ସଂସଦ ନିର୍ବାଚନ କେବେ ହେବ ଏବଂ କଲେଜ କେବେ ଖୋଲିବ, ସେନେଇ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ।

### ଦିବଙ୍ଗତ ସାମ୍ବାଦିକ...

ଶ୍ରୀ ଗଗନ କୁମାର ସେଠୀ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ଦୁଇ ଜଣ ପ୍ରବିଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା ଶ୍ରୀ ଗୟାଧର କର ମହୋଦୟ ଓ ଶ୍ରୀ ଗଗନ କୁମାର ସେଠୀ ମହୋଦୟ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସମ୍ବିଦ ବେହେରା,ମନୋଜ ବାବୁ, ସୁଶାନ୍ତ ଦାସ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ,ରବି ଦାସ, ବିନାୟକ ମହାପାତ୍ର, ସଞ୍ଜୁକ୍ତା ବେହେରା,ଗୋପିକୃଷ୍ଣ, ଅନିରୁଦ୍ଧ କର,ତପନ କୁମାର ପାଢି,ତପନ କୁମାର ଦାସ,ଲକ୍ଷ୍ମିଧର ମଣ୍ଡଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ବହୁ ବୁଦ୍ଧିଜୀବୀ ଯୋଗଦାନ କରି ସ୍ୱର୍ଗତ ସାମ୍ବାଦିକ ମହାନ୍ତିଙ୍କ ସ୍ମୃତିଚାରଣ ଓ ଗୁଣଗାନ କରିଥିଲେ। ସର୍ବଶେଷରେ ସାମ୍ବାଦିକ ମନୋଜ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଏସ୍‌ଟି ପରିଷଦରେ...

ରାଜ୍ୟର ଉପଯୁକ୍ତ ଅଧିକାରୀ କରିପାରିବେ। ଜିଏସଟି ଅପରାଧର ସର୍ବନିମ୍ନ ଦଣ୍ଡ ବ୍ୟବସ୍ଥାକୁ ମଧ ପରିଷଦସ ହଟାଇ ଦେଇଛି। ଜିଏସ୍‌ଟି ଅପରାଧର ଦଣ୍ଡ, ଫାଇନ କିମ୍ବା ଉଭୟର ନିଷ୍ପତ୍ତି ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ଲାଗୁ କରାଯିବ। ଜିଏସଟି ଦାଖଲରେ ବିଳମ୍ବ, ତ୍ରୁଟି କିମ୍ବା ବିଳମ୍ବରେ ଟିକସ ପୈଠ ଭଳି ସ୍ଥିତିରେ ଟିକସଦାତା କେବଳ ଫାଇନ ଭରିବେ। ଏହା ଛଡ଼ା ଆଉ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ନାହିଁ। ଜିଏସ୍‌ଟି ପରିଷଦ ଛୋଟ ବିକ୍ରେତାଙ୍କ ପଞ୍ଜିକରଣ ବ୍ୟବସ୍ଥାକୁ ଆହୁରି ସରଳୀକରଣ କରିଛି। ଯେଉଁ ଛୋଟ ବିକ୍ରେତାମାନେ ଇ-କମର୍ସ ପ୍ଲାଟଫର୍ମରେ ସେବା ଯୋଗାଉଛନ୍ତି, ସେମାନଙ୍କୁ ଆଉ ପ୍ରତି ରାଜ୍ୟରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ବାଧ୍ୟତାମୂଳକ ନୁହେଁ। ଛୋଟ ବ୍ୟବସାୟ ଓ ଇ-କମର୍ସ ବିକ୍ରେତାଙ୍କୁ ସହାୟତା କରିବାକୁ ଏପରି ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ ସୀତାରମଣ ସ୍ପଷ୍ଟ କରିଛନ୍ତି। ଆଜିର ବୈଠକରେ ହୋଇଥିବା ସମସ୍ତ ନିଷ୍ପତ୍ତି ୨୦୨୭ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ଘୋଷଣା କରାଯାଇଛି।

### ସାହିତ୍ୟରେ ନୋବେଲ...

ଗ୍ରୀକ ସାହିତ୍ୟ ଉପରେ ଗବେଷଣା କରି ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ । ୧୯୮୬ରେ ପ୍ରକାଶିତ 'ଇରୋସ ଦ ବିଟରସ୍ୱିଟ' ତାଙ୍କର ଚର୍ଚ୍ଚିତ କୃତି ମଧ୍ୟରୁ ଅନ୍ୟତମ । ଏଥିରେ ପ୍ରାଚୀନ ଗ୍ରୀକ ସାହିତ୍ୟ ମାଧ୍ୟମରେ ପ୍ରେମ ଓ ଆକାଂକ୍ଷାର ବିଭିନ୍ନ ଦିଗକୁ ବୁଝାଇବାର ପ୍ରୟାସ କରାଯାଇଛି । ପ୍ରାଚୀନ ଓ ଆଧୁନିକ ସାହିତ୍ୟକୁ ଏକାଠି କରି ନୂଆ ଅର୍ଥ ଖୋଜିବାରେ ମଧ ଆନ୍ କାର୍ସନଙ୍କ ବିଶେଷ ଦକ୍ଷତା ରହିଛି । ୧୯୯୯ର 'ଇକୋନୋମି ଅଫ୍ ଦ ଅନଲଷ୍ଟ'ରେ ସେ ପ୍ରାଚୀନ ଗ୍ରୀକ କବି ସିମୋନାଇଡିଜଙ୍କୁ ଆଧୁନିକ କବି ପଲ୍ ସେଲାନଙ୍କ ସହ ଯୋଡ଼ିଥିଲେ । ସେହିପରି ୨୦୦୦ର 'ମେନ୍ ଇନ୍ ଦ ଅଫ୍ ଆଓ୍ୱର୍ସ'ରେ ପ୍ରାଚୀନ ଇତିହାସକାର ଥ୍ୟୁସିଡିଡିଜଙ୍କ ସହ ଆଧୁନିକ ଲେଖିକା ଭର୍ଜିନିଆ ଉଲ୍ଫଙ୍କୁ ଏକାଠି କରିଥିଲେ । ଡିସେମ୍ବରରେ ସ୍ୱିଡେନର ରାଜଧାନୀ ଷ୍ଟକହୋମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ବିଜେତାଙ୍କୁ ପଦକ, ପ୍ରମାଣପତ୍ର ଓ ପୁରସ୍କାର ରାଶି ଦିଆଯିବ। ଚଳିତ ବର୍ଷ ପୁରସ୍କାର ରାଶି ପ୍ରାୟ ୧୧.୫ କୋଟି ଟଙ୍କା ବୋଲି ଜଣାପଡ଼ିଛି । ନୋବେଲ ପୁରସ୍କାର ପାଇଁ ନାମାଙ୍କନ ସମ୍ପର୍କିତ ତଥ୍ୟ ୫୦ ବର୍ଷ ପର୍ଯ୍ୟନ୍ତ ଗୋପନ ରଖାଯାଏ ।



ଶୁକ୍ରବାର, ଅକ୍ଟୋବର ୦୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# କଂଗ୍ରେସ ପକ୍ଷରୁ ବାସୁଦେବପୁରରେ ଓଡ଼ିଶା ବନ୍ଦ ସଫଳ

ବାସୁଦେବପୁର, ୦୮/୧୦ (ନି.ପ୍ର): ବାସୁଦେବପୁର ରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ବିଭିନ୍ନ ପ୍ରକାର ସମସ୍ୟା କୁ ନେଇ ଏହି ବନ୍ଦ ପାଳନ କରା ଯାଇଥିଲା। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅନ୍ୟାୟ ଓ ଦୁର୍ନୀତି ବଢ଼ି ଚାଲିଛି ଭାରତୀୟ ଜନତା ପାର୍ଟିର ସରକାରରେ । ତେଣୁ ଏମ୍ ଏମ୍ ଡି ଆର ସମସ୍ୟା,ଜ୍ଞାନେସ କୁମାର ଙ୍କ ଇସ୍ତଫା, ଶିକ୍ଷା ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଚାଷୀ ଆତ୍ମହତ୍ୟା, ଚାଷୀ ସମସ୍ୟା , ପ୍ରତ୍ୟେକ ଜିନିଷର ଦର ଦାମ୍ ବୃଦ୍ଧି ପ୍ରଭୃତି ବିଭିନ୍ନ ପ୍ରକାରର ସମସ୍ୟା କୁ ନେଇ ଭାରତୀୟ ଜାତୀୟ କଂଗ୍ରେସ ଓ ଅନ୍ୟ ଦଶଟି ଏନ୍ ଡି ଏ ମେଣ୍ଟ ଦଳ ଏଥିରେ ସାମିଲ ହୋଇ ଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ ଏଥିରେ ସାମିଲ ହୋଇ ଥିଲେ। କଂଗ୍ରେସ୍ ଦଳ ପକ୍ଷରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବରିଷ୍ଠ ନେତା ଭକ୍ତ ରଞ୍ଜନ ପଟ୍ଟନାୟକ,ନଗର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ଆଦିତ୍ୟ ଗିରି, ତୁହିଦ୍ ଖାଁ, ସୁଶାନ୍ତ କୁମାର ମହାକୁଡ଼, ସିଦ୍ଧାନ୍ତ ଦାସ, ସୁଦର୍ଶନ ମହାକୁଡ଼, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ,ସର୍ବେଶ୍ୱର ଜେନା, କାହ୍ନୁ ଚରଣ ମଲ୍ଲିକ ପ୍ରମୁଖ ଏହି ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ରାଜ୍ଯ ସରକାର ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ନାରୀ ନେତ୍ରୀ ବନଲତା ଜେନା, ହରିହର ବେହେରା, ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ନାରୀ ନେତ୍ରୀ ମମତା ଜେନା, ସୀତା ରାଣୀ ଦାଶ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ ଏବଂ ଓଡ଼ିଶା ବନ୍ଦ କୁ ସଫଳ କରାଇ ଥିଲେ।




# ଓଡ଼ିଶାରୁ ପ୍ରସନ୍ନ ମହାନ୍ତି ପୁଣି ପି.ସି.ଆଇ. ସଭ୍ୟ: ଓୟୁଜେ ବାଲେଶ୍ୱର ଶାଖା ପକ୍ଷରୁ ଶୁଭେଚ୍ଛା

ବାଲେଶ୍ୱର, ୦୮/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ପୁଣିଥରେ ଭାରତୀୟ ପ୍ରେସ ପରିଷଦ ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଶ୍ରୀ ମହାନ୍ତି ଜଣେ ଦକ୍ଷ ସଂଗଠକ,ସୁବକ୍ତା, ରାଜନୈତିକ ସମୀକ୍ଷକ,ନିର୍ଭୀକ ଭାବରେ ବିଭିନ୍ନ ପରିସ୍ଥିତିରେ ଶାଣିତ ବିଶ୍ଳେଷଣ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଶ୍ରୀ ମହାନ୍ତି ଙ୍କ ସ୍ପଷ୍ଟବାଦିତା ଯୋଗୁଁ ସେ ରାଜନୈତିକ ନେତା ଓ ରାଜ୍ୟର ସଧାରଣ ଲୋକଙ୍କ ମଧ୍ୟରେ ବେଶ ପରିଚିତ ହୋଇପାରିଛନ୍ତି ।ଶ୍ରୀ ମହାନ୍ତି ପୁର୍ବରୁ ଭାରତୀୟ ପ୍ରେସ ପରିଷଦ ସଦସ୍ୟ ଥିବା ବେଳେ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ଶାଣିତ ପ୍ରଶ୍ନ ଉତ୍ଥାପନ କରି ସମଗ୍ର ଦେଶର ସାମ୍ୱାଦିକଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲେ। ଶ୍ରୀ ମହାନ୍ତି ଜାତୀୟ ସାମ୍ବାଦିକ ୟୁନିଅନ ଅଫ ଇଣ୍ଡିଆ ର ଦୁଇଥର ମହାସଚିବ ଦାୟିତ୍ୱ ଅତି ଦକ୍ଷତାର ସହିତ ତୁଲାଇଥିଲେ ।ଶ୍ରୀ ମହାନ୍ତି ସାମ୍ବାଦିକ ଙ୍କ ସମସ୍ୟା ସମାଧାନ ପାଇଁ ନିଜର ସମସ୍ତ ସମୟକୁ ଉତ୍ସର୍ଗ କରିଥିବାରୁ ତାଙ୍କୁ ପୁନର୍ବାର ପ୍ରେସ ପରିଷଦର ସଦସ୍ୟ କରାଯାଇଥିବାରୁ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଏକ ପ୍ରେସ ବିବୃତ୍ତି ରେ ୟୁନିଅନର ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ରାମନାରାୟଣ ଶତପଥି, ଚନ୍ଦ୍ରମୋହନ ମହାପାତ୍ର, ଅନାମ ଚରଣ ପଣ୍ଡା ମଧୁସୂଦନ ଦାସ,, ରବିରଞ୍ଜନ ତ୍ରିପାଠୀ, ଉତ୍କଳ ବନ୍ଧୁ ପଣ୍ଡା, ସୋମନାଥ ସାହୁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାଦ୍ୱାରା ରାଜ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ ଅଧିକ ସୁଦୃଢ଼ ହୋଇପାରିବ ବୋଲି ସମସ୍ତେ ଦୃଢୋକ୍ତି ପ୍ରକାଶ କରିଛନ୍ତି।



# ଓଡ଼ିଶା ବନ୍ଦ ଡାକରା ସଫଳ ଏବଂ ପାରାଦ୍ୱୀପ ବନ୍ଦର ସମେତ ଶିଳ୍ପ ସଂସ୍ଥା ପ୍ରଭାବିତ

ପାରାଦ୍ୱୀପ, ୦୮/୧୦ (ନି.ପ୍ର): ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ହେତୁ ସମଗ୍ର ପାରାଦ୍ୱୀପ ଅଞ୍ଚଳ ପ୍ରଭାବିତ ହୋଇଥିଲା ।ସକାଳ ୬ ଟା ଠାରୁ କଂଗ୍ରେସ ନେତା ଓ କର୍ମୀମାନେ ପାରାଦ୍ୱୀପ ବନ୍ଦର ୪ ନମ୍ବର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଥିଲେ କିନ୍ତୁ ନିୟୋଜିତ ସିଆଇଏସଫ ସୁରକ୍ଷା କର୍ମୀମାନେ ବିରୋଧୀ କରିଥିଲେ ।ଫଳରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଉଚ୍ଚ ଅଧିକାରୀ ପହଞ୍ଚି ସମସ୍ୟାର ସମାଧାନ କରିଥିଲେ। ପାରାଦ୍ୱୀପ ବନ୍ଦର ସମେତ ଶିଳ୍ପ ସଂସ୍ଥା, ଦୋକାନ ବଜାର, ବ୍ୟାଙ୍କ ପ୍ରଭୃତି ବନ୍ଦ ରହିଥିଲା। ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା ଏବଂ ସନ୍ଧ୍ୟାରେ ସ୍ୱାଭାବିକ ହୋଇ ଥିଲା। ପାରାଦ୍ୱୀପ କଂଗ୍ରେସ ପକ୍ଷରୁ ଶ୍ରୀ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ଶ୍ରୀ କେଦାର ବିଶ୍ୱାଳ ,ନାରାୟଣ ସ୍ୱାଇଁ, ତ୍ରିନାଥ ମହାନ୍ତି, ଜ୍ୟୋତି ରଞ୍ଜନ ଦାସ, କୃପାସିନ୍ଧୁ ଦାସ, ପଦ୍ମ ଶମ୍ଭୁ ମହାନ୍ତି, ବିଜୟ କୁମାର ସେଠୀ, ସୁନାକର ସେଠୀ, ପ୍ରସନ୍ନଜିତ ମାଇତି, ଧରିତ୍ରୀ ସାମଲ, ସ୍ନେହ ଲତା ମହାନ୍ତି, ସସ୍ମିତା ମହାନ୍ତି ଓ ପୁଷ୍ପା ଦାସ ପ୍ରମୁଖ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବନ୍ଦ ସଫଳ କରିବା ପାଇଁ ସାଧାରଣ ଲୋକଙ୍କ ସହଯୋଗ କାମନା କରିଥିଲେ।



# ବାଲେଶ୍ୱର ସହରରେ ଓଡିଶା ବନ୍ଦ ସଫଳ




ବାଲେଶ୍ୱର, ୦୮/୧୦ (ନି.ପ୍ର): ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ବାର ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ଏହାର ପ୍ରଭାବ ବାଲେଶ୍ୱର ସହର ରେ ଦେଖିବାକୁ ମିଳିଥିଲା। କଂଗ୍ରେସ, ସି ପି ଆଇ, ସିପି ଆଇ ଏମ, ଫରୱାର୍ଡ଼ ବ୍ଲକ, ତୃଣ ମୂଳ କଂଗ୍ରେସ ସମେତ ବିଭିନ୍ନ ଶ୍ରମିକ ସଂଗଠନ ଗୁଡିକ ର ସମର୍ଥକ ଓ କର୍ମୀ ତଥା କର୍ମ କର୍ତ୍ତା ମାନେ ସକାଳୁ ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ବାସ ଷ୍ଟାଣ୍ଡ, ନିକଟରେ ଧାରଣା ଦେବା ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଗୁପ୍ତା ଙ୍କ ଇସ୍ତଫା ଦାବି କରିବା ସହ ଏମ ଏମ ଡି ଆର ବିଲ ପ୍ରତ୍ୟାହାର, ରାଜ୍ୟ ଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇଥିଲେ। ଫଳରେ ଯାନବାହନ ଚଳା ଚଳ ଦୀର୍ଘ ସମୟ ଧରି ବାଧା ପ୍ରାପ୍ତ ହୋଇଥିଲା। ଆନ୍ଦୋଳନ କାରୀ ମାନେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଜୀବନ ବୀମା ନିଗମ ର ଅଫିସ, ଅଦାଲତ, ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସଂଜୀବ ଗିରି ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଙ୍କ ନେତୃତ୍ୱ ରେ କଂଗ୍ରେସ ଦଳ ସମେତ ଇଣ୍ଡି ମେଣ୍ଟ ର କର୍ମୀ ମାନେ ଏକ ବାଇକ ରାଲି ରେ ବାହାରି ଦୋକାନ ବଜାର ବନ୍ଦ କରାଇଥିଲେ। ଆଜିର ବନ୍ଦ ରେ ସିପିଆଇ ର ଗୌରାଙ୍ଗ ପାଣିଗ୍ରାହୀ, କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ,ବାଙ୍କ ନିଧି ବେହେରା ଜିଲ୍ଲା କଂଗ୍ରେସ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ,ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ,ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, ଗୁରୁପ୍ରସନ୍ନ ମିଶ୍ର,ସେବାଦଳ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି,ଟାଉନ ସଭାପତି ଅନୁପ ସ୍ୱାଇଁ,ଜୋତ୍ସ୍ନା ସେନାପତି, ପଶୁପତି ଉପାଧ୍ୟାୟ , ତୁଷାର କାନ୍ତି ମହାପାତ୍ର, ଅରୁଣ ଜେନା, ଆଶିଷ ପଟ୍ଟନାୟକ, ଶ୍ରୀକାନ୍ତ ବୁଗୁଡ଼ାଇ, ଅଜଗର ଅଲ୍ଲୀ, ଶେଖ ଭୋଲା, ସଲିମ ଅଖତର, ସାହିବା ଅଖତର, ଅକ୍ଷୟ ମଲ୍ଲିକ,ପ୍ରତିମା ପଣ୍ଡା, ସି ପି ଏମ ନେତା ଶିଶିର ହୁଇ, ସୀତାଂଶୁ ନନ୍ଦୀ, ମଙ୍ଗ ସିଂ, ବିଧାନ ଚନ୍ଦ୍ର ଜେନା, ବିନତୀ ବାରିକ, ପ୍ରମୁଖ ଉପସ୍ଥିତ ରହିଥିଲେ।

# ବସ୍ତାରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ଜନତାଙ୍କ ସମର୍ଥନ

ବସ୍ତା , ୦୮/୧୦ (ନି.ପ୍ର): ବିଭିନ୍ନ ଦାବି ନେଇ ମୁଖ୍ୟତ ଇଲେକ୍ସନ କମିସନର ଗ୍ୟାନେସ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଏବଂ ଏମ ଏମ ଡି ଆର ବିଲର ପରିବର୍ତନ ଆଦି ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ବାର ଘଣ୍ଟିଆ ଓଡ଼ିଶା ବନ୍ଦକୁ ପୁର୍ଣ୍ଣ ସମର୍ଥନ ମିଳିଛି ସଂପୁର୍ଣ୍ଣ ସଫଳ ହୋଇଛି ବସ୍ତାରେ। ସକାଳ କଂଗ୍ରେସ ନେତା କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂଗ କରିଥିଲେ ବସ୍ତା ବଜାର ଗାନ୍ଧୀଛକ ଷୋହଳ ନମ୍ବର ଜାତୀୟ ରାଜପଥ ମଥାନି ବାହାର୍ଦା ସବୁ ଆଡ଼େ ଶୁନଶାନ ହୋଇଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟ ତହସିଲ କାର୍ଯ୍ୟାଳୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ବିଭିନ୍ନ ବ୍ୟାଙ୍କ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ବସ୍ତା କୋର୍ଟ ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୋକାନବଜାର ସବୁ ବନ୍ଦ ହୋଇଥିଲା ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ ଥିଲା। ଗତକାଲି ଡ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସହିତ ବିଭିନ୍ନ ସଂଗଠନ ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ନିବେଦନ କରାଯାଇଥିଲା ବସ୍ତା ଗାନ୍ଧୀଛକରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ ଉପସଭାପତି ସୁଧାଂଶୁ ଶେଖର ଜେନା, ଏନ ଏ ସି ସଭାପତି ରବିନ୍ଦ୍ର ଦାସ, ପୁର୍ବତନ ସମିତି ସଭ୍ୟ କମଳ ଲୋଚନ ଜେନା ବ୍ଲକ କଂଗ୍ରେସ ଉପସଭାପତି ଜଗଦୀଶ ସାହୁ, ନରେନ୍ଦ୍ର ଦାସ, ଜୋନ ସଭାପତି ଅରୁଣ ମଣ୍ଡଳ, ନଗର ଉପସଭାପତି ଜନ ଜୀବନ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଗୌରାଙ୍ଗ ସେଠି, ନିତ୍ୟାନନ୍ଦ ବିଶ୍ୱାଳ, ପିଣ୍ଟୁ ବୈଠା,ବ୍ରଜେନ୍ଦ୍ର ଗିରି, ରମ୍ୟ ରଞ୍ଜନ ସାହୁ,ମଦନ ଭକ୍ତା, ଜଗନ୍ନାଥ ଜେନା, ଯତୀନ୍ଦ୍ର ଜେନା, ସେକ କବିରୁଦ୍ଦିନ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଦରଡା ଠାରେ ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ ମହାପାତ୍ର,ଚଉଦ ନମ୍ବର ଜୋନ ସଭାପତି ପ୍ରଭାଶ ମଣ୍ଡଳ ମୁକୁଳିସ ଠାରେ ସରପଞ୍ଚ ଅମିତ କୁମାର ବିଶ୍ୱାଳ ସଭାପତି ରଣଜୀତ ଜେନା ମଥାନି ଠାରେ ପୁର୍ବତନ ସରପଞ୍ଚ ଅନୀଲ କୁମାର ମହାପାତ୍ର, କିଶୋର ପାଳ, ବିଦ୍ୟାଧର ଆଇଚ ନଳବାହାରରେ ସଭାପତି ଚୈତନ୍ୟ ଗୋଛୟତ ସୃଷ୍ଟି ଧର ମହାଳିକ ଯୁବ ନେତା ସନ୍ତୋଷ ଗୋଛୟତ, ରାଉତ ପଡାରେ ଅସୀମ ଦାସ, ପ୍ରଦୀପ ଦେ, ଭେଲୋରା ଷୋହଳ ନମ୍ବର ଜାତୀୟ ରାଜପଥରେ ରବୀନ୍ଦ୍ର ଭଞ୍ଜ,ଗୈାରୀ ଶଙ୍କର ଜେନା, ଶୁଶାନ୍ତ ସାହୁ, ଅଞ୍ଜଳି ପ୍ରଧାନ, ପାଉଁସକୁଲିରେ ଜୋନ,ସଭାପତି ସଂଜୀବ ମହାନ୍ତି, କାର୍ତ୍ତିକ ସାହୁ,ଅମର୍ଦାରୋଡ ଭାଗବତ ଦାସ,ଗଦାଧର ଦତ୍ତ ପ୍ରମୁଖ ନେତୃତ୍ୱ ମାନେ ଏହି ବନ୍ଦର ନେତୃତ୍ୱ ନେଇଥିଲେ।



# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ସ୍ୱାମୀ ପରିତ୍ୟକ୍ତା ଦିବ୍ୟାଙ୍ଗ ମହିଳା 'ନିନି'

ଉଦଳା , ୦୮/୧୦ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ବେଗୁନିଆଡ଼ିହା ଗ୍ରାମର ବାସିନ୍ଦା ସ୍ୱାମୀ ପରିତ୍ୟକ୍ତା, ଦିବ୍ୟାଙ୍ଗ ମହିଳା ନିନି ହାଁସଦା ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । ଗ୍ରାମବାସୀଙ୍କ କହିବା ଅନୁସାରେ ନିନି ଦିବ୍ୟାଙ୍ଗ ହୋଇଥିବାରୁ ସେ ଠିକ୍ ଭାବେ ତାଙ୍କର କଥା କହିପାରୁ ନାହାଁନ୍ତି । ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଭାଗୀୟ କତୃପକ୍ଷ ଏହିଭଳି ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଉଥିବା ଦିବ୍ୟାଙ୍ଗ ମହିଳା ନିନିଙ୍କୁ ତୁରନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।



# ଭଦ୍ରକରେ ବନ୍ଦ ଶାନ୍ତିପୂର୍ଣ୍ଣ: ସାଧାରଣ ଜୀବନଯାତ୍ରା ପ୍ରଭାବିତ

ଭଦ୍ରକ, ୦୮/୧୦ (ନି.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମଏମଡିଆର ବିଲ ରଦ୍ଦ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ଚଳିତ ବନ୍ୟାରେ ପୀଡ଼ିତଙ୍କୁ ତୁରନ୍ତ ସହାୟତା ଦାବିରେ ଇଣ୍ଡି ମେଂଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦର ଗଭୀର ପ୍ରଭାବ ଭଦ୍ରକରେ ଅନୁଭୂତ ହୋଇଛି। ବନ୍ଦ ପାଇଁ ସହରର ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସହର ମଧ୍ୟରେ ସମସ୍ତ ପ୍ରକାର ଚାରି ଚକିଆ ଯାନ ବନ୍ଦ ଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବନ୍ଦ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଭଦ୍ରକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସର ଶତାଧିକ କର୍ମୀ ବିଭିନ୍ନ ଭାଗରେ ବିଭକ୍ତ ହୋଇ ବନ୍ଦକୁ ସଫଳ କରିଥିଲେ। ସେହିପରି ଇଣ୍ଡି ବ୍ଲକର ସିପିଆଇ ଏମ, ସିପିଆଇ ଏମଏଲର ବରିଷ୍ଠ ନେତୃତ୍ୱ ଯଥାକ୍ରମେ ଦିବ୍ୟସିଂ ନାୟକ ଓ ସମର ବଳଙ୍କ ନେତୃତ୍ୱରେ କର୍ମୀମାନେ ମଧ ଭାଗଭାଗ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପିକେଟିଂ କରିବା ସହ ବନ୍ଦକୁ ସଫଳ କରିବାକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବନ୍ତ ଛକ ବସଷ୍ଟାଣ୍ଡ ଠାରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କଂଗ୍ରେସ ନେତା ନିଶିକାନ୍ତ ନାୟକ, ସିପିଆଇ ଏମ ନେତା ଗିରିଧାରୀ ନାଥଙ୍କ ନେତୃତ୍ୱରେ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡି ବ୍ଲକର ନେତାମାନେ ପିକେଟିଂ କରିବା ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା। ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବନ୍ତ ଛକ ଦେଇ ଚରମ୍ପା ରେଳ ଷ୍ଟେସନ ଠାରେ ପହଂଚି ଥିଲା। କର୍ମୀମାନେ ଜିଆରପି ଓ ଆରପିଏଫ ପକ୍ଷରୁ ନିର୍ମିତ ବ୍ୟାରିକେଡ ଭାଙ୍ଗି ରେଳ ଷ୍ଟେସନ ପରିସରରେ ପ୍ରବେଶ କରିବା ସହ ସେଠାରେ ରେଳ ରୋକ କରିଥିଲେ। ଫଳରେ କେତେକ ମାଲବାହୀ ଓ ଏକ୍ସପ୍ରେସ ଟ୍ରେନ ଚଳାଚଳ ବିଳମ୍ବିତ ହୋଇଥିଲା। ତେବେ ମଧ୍ୟାହ୍ନରେ ପୁଲିସ ବିଭିନ୍ନ ଦଳର ଶତାଧିକ କର୍ମୀଙ୍କୁ ଧାରଣାସ୍ଥଳରୁ ଉଠାଇ ନେଇଥିବାବେଳେ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିଲା। ବନ୍ଦକୁ ସଫଳ କରିବା ଦିଗରେ ଇଣ୍ଡି ବ୍ଲକର କଂଗ୍ରେସ ନେତା, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ପିତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରାଜେନ୍ଦ୍ର ଯେନା, ଶୁଭଶ୍ରୀ ବେହେରା, ଦେବବ୍ରତ ମହାନ୍ତି, ବିଜୟ ବାରିକ, ସରୋଜ ରାଉଳ, ରାଜକିଶୋର ପଣ୍ଡା, ରାଜୁ ପ୍ରସାଦ ରାୟ, ଶର୍ମିଷ୍ଠା ପଣ୍ଡା, ସ୍ୱାସ୍ତିକା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ପତି, ପ୍ରଭାତ କୁମାର ମହାନ୍ତି, ରଂଜନ ଯେନା, ଗୋଲମ ମହିରୁଦ୍ଦିନ, ଏନାମୁଲ ହକ, ତନଭୀର ଖାନ, ମହେଶ ମିଶ୍ର, ଇଲିୟାସ ଅଲ୍ଲୀ ଖାନ, ଫୈଜାନ ଅଲୀ, ଟୁନୁ ସାହୁ, ସୋମନାଥ ପତି, ସୂର୍ଯ୍ୟ ମହାନ୍ତି, ମନୋଜ ମଲ୍ଲିକ, ସିପିଆଇ ଏମର ବିକାଶ ନାଥ, ସିପିଆଇ ଏମଏଲର ଜୟନ୍ତୀ ବିଶ୍ୱାଳ ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ। ତେବେ ଭଦ୍ରକରେ ସଡ଼ିଶା ବନ୍ଦର ସଫଳତା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମହାନ୍ତି, ସିପିଆଇ ଏମ ନେତା ଚନ୍ଦ୍ରଶେଖର ନାୟକ, ସିପିଏମ ଏଲ ନେତା ଶ୍ରୀ ବଳ ଭଦ୍ରକବାସୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ବୈଶିଙ୍ଗା ମହାପାତ୍ର ରେଷ୍ଟୁରାଣ୍ଟ ମାଲିକ ଦୀପୁ ମହାପାତ୍ରଙ୍କ ପରଲୋକ

ବୈଶିଙ୍ଗା , ୦୮/୧୦ (ନି.ପ୍ର): ବୈଶିଙ୍ଗା ବଜାରରେ ବହୁ ପୁରାତନ ମହାପାତ୍ର ହୋଟେଲ ଏଣ୍ଡ ରେଷ୍ଟୁରେଣ୍ଟ ର ମାଲିକ ବିନମ୍ର ମହାପାତ୍ର (ଦୀପୁ) ୪୫ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିବା ଜଣାଯାଇଛି । ଦୀର୍ଘ ୭୦ ବର୍ଷ ହେବ ଏହି ବ୍ୟବସାୟ ସ୍ୱର୍ଗତ ଦେବାନନ୍ଦ ମହାପାତ୍ର ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟ ରେ ତାଙ୍କର ବଡ ପୁତ୍ର ସୁଦର୍ଶନ ମହାପାତ୍ର ଏବଂ ସୁରେଶ ମହାପାତ୍ର ଏହି ବ୍ୟବସାୟ ଚଳାଇ ଆସୁଥିଲେ । ଏବେ ତାଙ୍କ ର ମଧ୍ୟମ ପୁତ୍ର ବିନମ୍ର ଏହି ବ୍ୟବସାୟ ପରିଚାଳନା କରୁଥିଲେ । ପ୍ରାୟ ଏକ ବର୍ଷ ହେବ ବିନମ୍ର ଗଳା କର୍କଟ ରୋଗରେ ପୀଡିତ ଥିଲେ । କଟକରେ ଚିକିତ୍ସା ହେବା ପରେ ଘରେ ରହି ଚିକିତ୍ସିତ ହେଉଥିଲେ। ଗୁରୁତର ଅସୁସ୍ଥ ହେବା କାରଣରୁ ତାଙ୍କୁ ପୁଣି କଟକ ନିଆ ଯାଇଥିଲା । ଆଜି ଗୁରୁବାର ଅପରାହ୍ନ ଘ.୩.୪୫ ମିନିଟ ସମୟରେ କଟକରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପ୍ରାଣ ବାୟୁ ଉଡି ଯାଇଥିଲା । ତାଙ୍କର ମୃତ୍ୟୁ ଖବର ପାଇବା ପରେ ସାଙ୍ଗ ସାଥି, ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି, ସେ ଜଣେ ଆମାୟିକ , ମିଷ୍ଟ ଭାଷି ତଥା ପରୋପକାରୀ ଭାବେ ପରିଚିତ ଥିଲେ । ତାଙ୍କର ଏକ ମାତ୍ର କନ୍ୟା ଓ ସ୍ତ୍ରୀ , ବାପା ମାଆ , ସାନ ବିଧବା ବୋହୁ ଓ ପୁତୁରା ଶୋକାଭିଭୁତ ହୋଇ ପଡ଼ିଛନ୍ତି ଓ ମର ଶରୀର ଘରେ ପହଞ୍ଚିବା ପରେ ବାଲେଶ୍ୱର ସ୍ଥିତ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯିବ ।

# ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା ସଭା

ବାଲେଶ୍ୱର, ୦୮/୧୦ (ନି.ପ୍ର): ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ବାଲେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ଆଜି ଅପରାହ୍ନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀଯୁକ୍ତ ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବାଞ୍ଚଳ ପୋଲିସ ଉପ ମହାନିରୀକ୍ଷକ ଶ୍ରୀଯୁକ୍ତ ପିନାକ ମିଶ୍ର, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅବକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଶେଖ ଆସଫ ଅଲି, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ପିଜି କାଉନସିଲ ଚେୟାରମେନ ଶ୍ରୀଯୁକ୍ତ ସନ୍ତୋଷ କୁମାର ଅଗରୱାଲ, ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ନିହାର ରଞ୍ଜନ ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ନିଶାଦ୍ରବ୍ୟର କୁପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ବକ୍ତାମାନେ କହିଥିଲେ ଯେ, ନିଶାଦ୍ରବ୍ୟର ବ୍ୟବହାର ଯୁବପିଢ଼ିର ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର ଓ ସାମାଜିକ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେଣୁ ନିଶା ବିରୋଧୀ ସଚେତନତା ସୃଷ୍ଟି ସହିତ ଯୁବସମାଜକୁ ନିଶା ଠାରୁ ଦୂରେଇ ରଖିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ସଭାରେ ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ଓ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

# ରାଇରଙ୍ଗପୁରରେ କଂଗ୍ରେସ ଦଳ ପକ୍ଷରୁ ୧୨ ଘଣ୍ଟିଆ ଓଡିଶା ବନ୍ଦର ପ୍ରଭାବରେ ୧୦୦% ରୁ ୭୫% ସଫଳ

ରାଇରଙ୍ଗପୁର, ୦୮/୧୦ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ ତରଫରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ର ପ୍ରଭାବ ସକାଳୁ ସକାଳୁ ଦେଖିବାକୁ ମିଳିଥିଲା। ରାଇରଙ୍ଗପୁର ର କର୍ମକର୍ତା ତଥା ବାମ ଦଳର ସମର୍ଥନ ରେ ଗତକାଲି ଡାକବାଜି ଯନ୍ତରେ ଜନସାଧାରଣ ଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା । ଯାହାଦ୍ୱାରା ଆଜି ସକାଳେ କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ପ୍ରାୟତଃ ସହରରେ ଗାଡି ମଟର ଚଳାଚଳ ବନ୍ଦ ରହିଥିଲା ।ବ୍ୟାଙ୍କ, ଡାକଘର, ପେଟ୍ରୋଲ ପମ୍ପ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯାଳୟ ମାନ ବନ୍ଦ ରହିଥିଲା ।କିନ୍ତୁ ଜୁଡିସିଆଲ କୋର୍ଟ କଚେରୀ ପ୍ରତ୍ୟେକ ଦିନ ଭଳି ସ୍ୱାଭାବିକ ରହିଥିଲା। ଉପଖଣ୍ଡ ଡାକ୍ତର ଖାନା ପାଖରେ ଥିବା ସମସ୍ତ ଦୋକାନ ବଜାର,ହୋଟେଲ ମାନ ଖୋଲା ରହିଥିଲା। ସେହିପରି ସେଣ୍ଟ୍ରାଲ ସ୍କୁଲ ମଧ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା । ସକାଳୁଆ ଡେଲି ପରିବା ମାର୍କେଟ ତଥା ରାସ୍ତା କଡରେ ଥିବା ପରିବା ଦୋକାନ ମାନ ଖୋଲା ରହିଥିଲା ।ଯାହା ଫଳରେ ରାଇରଙ୍ଗପୁର ସହରରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ର ପ୍ରଭାବ ୧୦୦ ପ୍ରତିଶତ ରୁ ୭୫ ପ୍ରତିଶତ ସଫଳ ହୋଇଥିବା ସୂଚନା ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida